ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୬ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 06 DECEMBER 2023

Vol.No. 34 ■ No. 319■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଲ୍ୟାଣ୍ଡଫଲ କଲା ବାତ୍ୟା ମିଗଜୋମ

- ଆନ୍ଧ୍ରର ବାପଟଲାରେ ସ୍ଥଳଭାଗ ଛୁଇଁଲା
- ପବନର ବେଗ ୯୦ରୁ ଶହେ କିଲୋମିଟର

ନୂଆଦିଲ୍ଲୀ, ୦୫/୧୨ : ମାତ ହେଲା ବାତ୍ୟା । ଆନ୍ଧ୍ର ଉପକୂଳ ବାପଟଲାରେ ସ୍ଥଳଭାଗ ଛୁଇଁଛି 'ମିଗଜୋମ' । ପ୍ରାୟ ଦୁଇ ଘଂଟା ଧରି ଜାରି ରହିଥିଲା ଲ୍ୟାଣ୍ଡଫଲ ପ୍ରକ୍ରିୟା । ଏହାପରେ ବାତ୍ୟା ଧିରେ ଧିରେ ଦୁର୍ବଳ ହେବାରେ ଲାଗିଛି । ପ୍ରଭାବରେ ଆନ୍ଧ୍ରପ୍ରଦେଶର ବିଭିନ୍ନ ଜିଲ୍ଲାରେ ସମୁଦ୍ରରେ ଉଚ୍ଚ ଲହ. ପ୍ରବଳ ବର୍ଷା ଓ ପବନ ଦେଖିବାକୁ ମିଳିଛି । ଉପକୂଳ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶର ପ୍ରବଳରୁ ଅତି ପ୍ରବଳ ବର୍ଷା ହେଉଛି । ମିଗଜୋମ ପ୍ରଭାବ ଆନ୍ଧ୍ର ସହ ତେଲେଙ୍ଗାନା, ତାମିଲନାଡୁ ଓ ଓଡିଶାରେ ଦେଖିବାକୁ ମିଳିଛି । ଚେନ୍ନାଇରେ ପ୍ରବଳ ବର୍ଷା ହୋଇଛି । ଶହେରୁ ଅଧିକ ଟ୍ରେନ ଓ ୫୦ରୁ ଅଧିକ ବିମାନ ବାତିଲ ହୋଇଛି । ଆନ୍ଧ୍ରର ୮ଟି ଜିଲ୍ଲାକୁ ସତର୍କ କରାଯାଇଛି । ଏହି ସବୁ ଜିଲ୍ଲାରେ ଏନଡିଆରଏଫ ଓ ଏସଡିଆରଏଫର ଟିମ ନିୟୋଜିତ ଅଛନ୍ତି । ବର୍ଷା ଓ ବାତ୍ୟା ପାଇଁ ବନ୍ଦ ରହିଛି ସ୍କୁଲ ଓ କଲେଜ । ସୁ ସୁ ଗର୍ଜନ କରି ସ୍ଥଳଭାଗ ଅତିକ୍ରମ କରିଛି ଭୀଷଣବାତ୍ୟା 'ମିଗଜୋମ' । ଗୋଟିଏ ପଟେ ବଂଗୋପସାଗରର ଜଳରାଶି ବାତ୍ୟା ପ୍ରଭାବରେ ଅଶାନ୍ତ ହୋଇ ଘୁ ଘୁ ଗର୍ଜନ କରୁଥିଲା । ଆଉ ଗୋଟିଏ ପଟେ ପବନ ଓ ପ୍ରବଳ ବର୍ଷାକୁ ନେଇ ଆନ୍ଧ୍ର ଉପକୂଳ ବାପଟଲାରେ ସ୍ଥଳଭାଗ ଅତିକ୍ରମ କରୁଥିଲା ମିଗଜୋମ । କେନ୍ଦ୍ରୀୟ ବଂଗୋପସାଗରେ ସୃଷ୍ଟି ହୋଇଥିବା ଭୀଷଣବାତ୍ୟା ମିଗଜୋମ, ଆନ୍ଧ୍ରପ୍ରଦେଶର ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିଛି । ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଘଂଟା ପ୍ରତି ୯୦ରୁ ୧୦୦ କିଲୋମିଟର ବେଗରେ ପବନ ବହିଥିଲା । ବେଳେ ବେଳେ ପବନର ବେଗ ଘଂଟା ପ୍ରତି ୧୧୦ କିଲୋମିଟରରେ ପହଁଚିଥିଲା । ପ୍ରାୟ ଦୁଇ ଘଂଟା ଧରି ଜାରି ରହିଥିଲା ଲ୍ୟାଣ୍ଡଫଲ ପ୍ରକ୍ରିୟା । ସ୍ଥଳଭାଗ ଅତିକ୍ରମ କରିବା ପରେ ବାତ୍ୟା ମିଗଜୋମ ଧିରେ ଧିରେ ଦୁର୍ବଳ ହୋଇ ଆଗକୁ ବଢୁଛି । ତେବେ ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶର ବିଭିନ୍ନ ଜିଲ୍ଲାରେ ଲାଗି ରହିଛି ବର୍ଷା ଓ ପବନ । ବିଶେଷକରି ଉପକୂଳ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶର ଜିଲ୍ଲା ଗୁଡିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି । ବର୍ଷା ହେବା ଯୋଗୁଁ ତଳିଆ ଅଂଚଳରେ ଥିବା ଘର ଗୁଡିକରେ ପାଣି ପଶି ଯାଇଛି । ବିପଦଜନକ ଅବସ୍ଥାରେ ଥିବା ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି । ▶▶ପୃଷ୍ଠା ୭

ଅଡୁଆରେ ତିର୍ତ୍ତୋଲ ବିଧାୟକ : ବିବାହ ଆବେଦନ ଖାରଜ କଲେ କୋର୍ଟ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ବିଜେଡି ବିଧାୟକ ବିଜୟ ଶଙ୍କର ଦାସଙ୍କ ତଥାକଥିତ ପ୍ରେମିକା ସୋମାଲିକା ଦାଶଙ୍କୁ ମିଳିଛି ସାମୟିକ ଆଶ୍ୱସ୍ତି । ବିଜୟ ଶଙ୍କରଙ୍କ ବିବାହ ଆବେଦନ ଖାରଜ ହୋଇଛି । ବିବାହ ପାଇଁ ଆବେଦନ ପତ୍ରରେ ତ୍ରୁଟିଥିବାରୁ ଖାରଜ କରିଦେଇଛନ୍ତି କଟକ ବିବାହ ପଞ୍ଜୀକରଣ ଅଧିକାରୀ । ଅର୍ଥାତ ଏବେ ପ୍ରତ୍ୟୁଷା ନନ୍ଦଙ୍କୁ ବିଜୟ ଶଙ୍କର ବିବାହ କରିପାରିବେ ନାହିଁ । ପ୍ରତ୍ୟୁଷା ନନ୍ଦଙ୍କୁ ବିବାହ କରିବା ପାଇଁ ବିଜେଡି ବିଧାୟକ ବିଜୟ ଶଙ୍କର ଦାସ କଟକ ବିବାହ ପଞ୍ଜୀକରଣ ଅଧିକାରୀଙ୍କ ପାଖରେ ଆବେଦନ କରିଥିଲେ । ସତ୍ୟପାଠରେ ପ୍ରତ୍ୟୁଷା ଅଭିବାହିତା ବୋଲି ଦର୍ଶାଇଥିଲେ । ହେଲେ ଏହାକୁ ଜୋରଦାର ବିରୋଧ କରିଥିଲେ ସୋମାଲିକା ଦାଶ । ପ୍ରତ୍ୟୁଷା ପୂର୍ବରୁ ବିବାହ କରିଥିବା ବେଳେ ସତ୍ୟପାଠରେ କେମିତି ଅବିବାହିତା ବୋଲି ଦର୍ଶା ଯାଇଛି ବୋଲି ପ୍ରଶ୍ନ କରିଥିଲେ ସୋମାଲିକା । ସୋମାଲିକାଙ୍କ ଏହି ଅଭିଯୋଗକୁ ଗୁରୁତର ସହ ନେଇଥିଲେ କଟକ ବିବାହ ପଞ୍ଜୀକରଣ ଅଧିକାରୀ । ପ୍ରତ୍ୟୁଷାଙ୍କ ବିବାହ ନେଇ କ'ଣ ପ୍ରମାଣ ରହିଛି, ତାହା ଦାଖଲ କରିବା ପାଇଁ ସୋମାଲିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ▶▶ପୃଷ୍ଠା ୭

ସରିଲା ଐତିହାସିକ ବାଲିଯାତ୍ରା: ୧୦୦ କୋଟିର ବେପାର

କଟକ, ୦୫/୧୨ (ନି.ପ୍ର): ଆଜି ସରିଲା କଟକର ଐତିହାସିକ ବାଲିଯାତ୍ରା । ଫେରେ ଆର ବରଷକୁ ଅପେକ୍ଷା । ଏଥର କିନ୍ତୁ ବାଲିଯାତ୍ରାରୁ ଭରପୁର ମଜା ଉଠାଇଛନ୍ତି ଦର୍ଶକ । ପାଗ ଭଲ ଦେଇଥିବାରୁ ମନପସନ୍ଦର ସାମଗ୍ରୀ କିଣାବିକା ସହିତ ଓଲିଉଡ ଓ ବଲିଉଡ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଛନ୍ତି । ଚଳିତବର୍ଷ ମେଳାରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟବସାୟ ହୋଇଥିବା ଆକଳନ କରାଯାଉଛି । ଐତିହାସିକ ବାଲିଯାତ୍ରା ଗତ ୨୭ ତାରିଖରୁ ଆରମ୍ଭ ହୋଇଥିଲା । ଆଠ ଦିନ ଧରି ଲୋକଙ୍କ ଭିଡରେ ଉଛୁଳି ପଡୁଛି ବାଲିଯାତ୍ରା ପଡିଆ । ଐତିହାସିକ ବାଲିଯାତ୍ରାକୁ ଚଳିତବର୍ଷ ବେଶ ଉପଭୋଗ କରିଛନ୍ତି ଲକ୍ଷ ଲକ୍ଷ ଦର୍ଶକ । ରବିବାର ▶▶ପୃଷ୍ଠା ୭

୨୦ଗ୍ରାମ ବ୍ରାଉନସୁଗର ସମେତ ପିସ୍ତଲ ଜବତ: ୪ ଗିରଫ

ଖୋର୍ଦ୍ଧା, ୦୫/୧୨ (ନି.ପ୍ର): ବରୁଣେଇ ଜଙ୍ଗଲ ନିକଟରୁ ଶିଙ୍ଗାଂଚଳ ଥାନା ପୁଲିସ ୪ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ଶିଙ୍ଗାଂଚଳ ଥାନା ଅନ୍ତର୍ଗତ ଗଡଖୋର୍ଦ୍ଧା ହାଉସିଂବୋର୍ଡ କଲୋନୀ ର ଚନ୍ଦନ ନାୟକ (୨୮), ମୁକୁନ୍ଦପ୍ରସାଦର ଫାରୁକ ଖାନ (୨୬), ଜଙ୍କିଆଥାନା କମାଗୁରୁ କମାରସାହି ର ମନୋରଞ୍ଜନ ପ୍ରଧାନ (୩୨) ଏବଂ ପୁରୀ କୁମ୍ଭାରପଡା ଥାନା ଷ୍ଟେସନରୋଡ ଗୋରାକବର ର ଏମ.ରମେଶ ରେଡତଡି(୨୩) । ସେମାନଙ୍କ ଠାରୁ ପୁଲିସ ୨୦ଗ୍ରାମ ବ୍ରାଉନସୁଗର ସମେତ ଗୋଟିଏ ୭ଏମଏମ ▶▶ପୃଷ୍ଠା ୭

ରେବନ୍ତ ରେଡ୍ଡୀ ହେବେ ତେଲେଙ୍ଗାନାର ନୂଆ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୦୫/୧୨ : କେ, ରେବନ୍ତ ରେଡ୍ଡୀ ହେବେ ତେଲେଙ୍ଗାନାର ନୂଆ ମୁଖ୍ୟମନ୍ତ୍ରୀ । ବିଧାୟକଙ୍କ ସହ ଆଲୋଚନା ପରେ କଂଗ୍ରେସ ହାଇକମାଣ୍ଡ ରେବାନ୍ତଙ୍କ ନାମ ଉପରେ ମୋହର ଲଗାଯାଇଥିବା ସୂଚନା ମିଳିଛି । ଡିସେମ୍ବର ୭ ତାରିଖରେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଜଣାପଡ଼ିଛି । ୨୦୨୧, ଜୁନ୍-ଜୁଲାଇରେ ତାଙ୍କୁ ତେଲେଙ୍ଗାନା କଂଗ୍ରେସର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା । ଏହା ପରେ ସେ ଲଗାତର ତୃଣମୂଳ ସ୍ତରରେ କାମ କରିଆସୁଛନ୍ତି । ବିଧାନସଭା ନିର୍ବାଚନ ଜିତିବା ପରେ ହାଇକମାଣ୍ଡଙ୍କର ସେ ପ୍ରଥମ ପସନ୍ଦ ମଧ୍ୟ ରହିଆସିଛନ୍ତି । ତେଲେଙ୍ଗାନା ବିଧାନସଭା ନିର୍ବାଚନରେ କଂଗ୍ରେସର ଜବରଦସ୍ତ ବିଜୟରେ ରେବାନ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଦୀର୍ଘ ୧୦ ବର୍ଷ ଧରି ଶାସନରେ ଥିବା କେସିଆରଙ୍କ ବିଆରଏସ୍କୁ ଗାଦିଚ୍ୟୁତ କରିଥିଲା କଂଗ୍ରେସ । ରେବନ୍ତ ୨୦୧୯ରେ ଲୋକସଭା ନିର୍ବାଚନରେ ଟିଆରଏସ ପ୍ରାର୍ଥୀଙ୍କ ଠାରୁ ହାରିଯାଇଥିଲେ । କିନ୍ତୁ ୨୦୨୩ ବିଧାନସଭା ନିର୍ବାଚନ ପାଇଁ ତାଙ୍କୁ ବିଧାୟକ ଟିକେଟ୍ ଦେଇଥିଲା କଂଗ୍ରେସ । ▶▶ପୃଷ୍ଠା ୭

ମିଜୋରାମରେ ହେବେ ଆଗାମୀ ମୁଖ୍ୟମନ୍ତ୍ରୀ ଲାଲଦୁହୋମା

ନୂଆଦିଲ୍ଲୀ, ୦୫/୧୨ : ମିଜୋରାମର ନୂଆ ମୁଖ୍ୟମନ୍ତ୍ରୀ ହେବେ ଜେଡପିଏମ ଦଳର ମୁଖ୍ୟ ଲାଲଦୁହୋମା । ଗୋଆ କ୍ୟାଡରର ପୂର୍ବତନ ଆଇପିଏଏସ ଅଧିକାରୀଙ୍କ ଜୀବନଯାତ୍ରା ଯେତିକି ରୋଚକ ସେତିକି ସଂଘର୍ଷପୂର୍ଣ୍ଣ ରହିଛି । ଲାଲଦୁହୋମା ନିଜ ପ୍ରଶାସନିକ ଅଧିକାରୀରୁ ରାଜନେତା ଜୀବନ ଅନେକ ଉଥାନପତନ ଦେଖିଥିଲେ । କେବଳ ସେତିକି ନୁହେଁ ଏହି ସଚ୍ଚୋଟ ଆଇପିଏସ ଅଧୀକାରୀ ଅତିତରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମୁଖ୍ୟ ସୁରକ୍ଷାକର୍ମୀ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଳାଇସାରିଛନ୍ତି । ମିଆଁମାର ସୀମାବର୍ତ୍ତୀ ଚଂଫାଇ ଜିଲ୍ଲାରେ ଲାଲଦୁହୋମାଙ୍କ ଜନ୍ମ । ▶▶ପୃଷ୍ଠା ୭

ମୁଖ୍ୟମନ୍ତ୍ରୀ ବଘେଲଙ୍କ ୪ ପରାମର୍ଶଦାତା ଦେଲେ ଇସ୍ତଫା

ରାୟପୁର, ୦୫/୧୨ : ଛତିଶଗଡ଼ରେ କଂଗ୍ରେସର ପରାଜୟ ପରେ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ନିଜର ଇସ୍ତଫା ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ବଘେଲଙ୍କ ପରେ ତାଙ୍କ ନିକଟତର ଲୋକ ମାନେ ମଧ୍ୟ ଇସ୍ତଫା ଦେବା ଆରମ୍ଭ କରିଛନ୍ତି । ପ୍ରଥମେ ଓଏସଡି, ନିଜ ସଚିବଙ୍କୁ ହଟା ଯାଇଛି । ଏବେ ମୁଖ୍ୟମନ୍ତ୍ରୀ ବଘେଲଙ୍କ ପରାମର୍ଶଦାତା ମାନେ ଇସ୍ତଫା ଦେଇଛନ୍ତି । ଇସ୍ତଫା ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ବଘେଲଙ୍କ ରାଜନୈତିକ ପରାମର୍ଶଦାତା ବିନୋଦ ବର୍ମା, ପଂଚାୟତ ଗ୍ରାମୀଣ ବିକାଶ ପରାମର୍ଶଦାତା ପ୍ରଦୀପ ଶର୍ମା, ସଂସଦୀୟ ପରାମର୍ଶଦାତା ରାଜେଶ ତିୱାରୀ ଏବଂ ମିଡ଼ିଆ ପରାମର୍ଶଦାତା ରୁଚିର ଗର୍ଗ ସାମିଲ୍ ଅଛନ୍ତି ।

ପ୍ରେମିକା ଘରୁ ମିଳିଲା ପ୍ରେମିକର ମୃତଦେହ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ପ୍ରେମିକା ଘର ଭିତରୁ ପ୍ରେମିକର ମୃତଦେହ ଉଦ୍ଧାର ହୋଇଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାଜଧାନୀ ଉପକଣ୍ଠ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳ ଗଡ଼ରେ । ମୃତକ ହେଲେ ପପୁନି ସ୍ୱାଇଁ । ତାଙ୍କ ଘର ନିମାପଡ଼ା ଅଂଚଳରେ । ସେ ପିଏଚଡିରେ ମିସ୍ତ୍ରୀ ଭାବେ କାମ କରୁଥିଲେ । ଗତ କିଛି ବର୍ଷ ହେଲା ପପୁନି ଓ ଶିଶୁପାଳଗଡ଼ର ସଂପୃକ୍ତ ଯୁବତୀଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ିଉଠିଥିଲା । ଏପରିକି ପପୁନି ଅନେକ ସମୟରେ ଯୁବତୀଙ୍କ ଘରକୁ ଆସୁଥିଲେ । ହେଲେ ଗତକାଲି ଉଭୟଙ୍କ ଭିତରେ କୌଣସି କଥାକୁ ନେଇ ଉଚ୍ଚବାଚ ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ପପୁନି ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଯୁବତୀଙ୍କ ପରିବାର କହିଛି । ତେବେ ଏହା ହତ୍ୟା ନା ଆତ୍ମହତ୍ୟା, ସେନେଇ ପୁଲିସ କିଛି ସ୍ପଷ୍ଟ କରିନାହିଁ । ସକାଳେ ଧଉଳି ପୁଲିସ ପହଂଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି ।

ମଧ୍ୟପ୍ରଦେଶ, ଛତିଶଗଡ, ରାଜସ୍ଥାନରେ କିଏ ହେବ ମୁଖ୍ୟମନ୍ତ୍ରୀ ? କାହା ହାତରେ ନେତୃତ୍ୱର ଭାର ଦେବେ ବିଜେପିର ଶୀର୍ଷ ନେତୃତ୍ୱ

ନୂଆଦିଲ୍ଲୀ, ୦୫/୧୨ : ମଧ୍ୟପ୍ରଦେଶ, ଛତିଶଗଡ ଏବଂ ରାଜସ୍ଥାନରେ ବିଜେପିକୁ ବହୁମତ ମିଳିବା ପରେ, ଏବେ ଏହି ୩ ରାଜ୍ୟରେ ଦଳ କାହାକୁ ମୁଖ୍ୟମନ୍ତ୍ରୀ କରିବ ତାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା ଆଲୋଚନା । ଏହି ତିନି ରାଜ୍ୟରେ ଦଳ କୌଣସି ବି ନେତାଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ସାମ୍ନାକୁ ଆଣିନଥିଲା । ନିର୍ବାଚନରେ କେବଳ ମୋଦୀଙ୍କ ଚେହେରାକୁ ନେଇ ଲୋକଙ୍କ ପାଖକୁ ଯାଇଥିଲା ବିଜେପି । ତେଣୁ ଏବେ ବହୁମତ ମିଳିବା ପରେ ଦଳ କେଉଁ ନେତାଙ୍କ ଉପରେ ନେତୃତ୍ୱ ଭାର ଦେଉଛି ତାକୁ ନେଇ ବଢିଛି ଚର୍ଚ୍ଚା ଆଉ ଆଲୋଚନା । ଛତିଶଗଡର ମୁଖ୍ୟମନ୍ତ୍ରୀ ରେସରେ ସବୁଠୁ ଆଗରେ ରହିଛନ୍ତି ତିନି ଥରର ମୁଖ୍ୟମନ୍ତ୍ରୀ ରମଣ ସିଂହ । ଏହାବାଦ୍ ଛତିଶଗଡ ବିଜେପି ଅଧକ୍ଷ ଅରୁଣ ସାବ, ସରୋଜ ପାଣ୍ଡେ, ରେଣୁକା ସିଂହ ଏବଂ ଓପି ଚୌଧୁରୀ ମଧ୍ୟ ମୁଖ୍ୟମନ୍ତ୍ରୀ ରେସରେ ଅଛନ୍ତି । ହେଲେ ଛତିଶଗଡରେ କିନ୍ତୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ସେଭଳି କୌଣସି ହଲଚଲ ଦେଖିବାକୁ ମିଳୁନାହିଁ । ରମଣ ସିଂହ ମଧ୍ୟ ମୁଖ୍ୟମନ୍ତ୍ରୀ ହେବା ପ୍ରଶ୍ନରେ, ବିଧାୟକ ଦଳ ହିଁ ନିଷ୍ପତ୍ତି ନେବ ବୋଲି ଉତ୍ତର ରଖିଛନ୍ତି । ▶▶ପୃଷ୍ଠା ୭

୧୦ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ଦୀର୍ଘବର୍ଷ ଧରି ପଡ଼ିରହିଥିବା ବକେୟା ମୋଟର ଯାନ ଟିକସ ଓ ଜୋରିମାନାକୁ ଛାଡ଼ କଲେ ସରକାର । ଆଜି ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଫଳରେ ଦୀର୍ଘଦିନ ଧରି ବକେୟା ମୋଟର ଯାନ ଟିକସ ଓ ଜୋରିମାନା ଦେଇନଥିବା ପ୍ରାୟ ୫୦ହଜାରରୁ ଅଧିକ ଗାଡ଼ି ମାଲିକ ଉପକୃତ ହେବେ । ଏହି ପ୍ରସ୍ତାବ ସମେତ ୮ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ମୋଟର ଯାନ ଟିକସ ଆଦାୟ ପାଇଁ ବାରମ୍ବାର ନୋଟିସ୍ ଓ ସ୍ୱତନ୍ତ୍ର ଅଭିଯାନ ସତ୍ତ୍ୱେ ୨୦୨୨ ମସିହାରେ ମାତ୍ର ୪୬୬୮ଜଣ ମାଲିକଙ୍କଠୁ ବକେୟା ଟିକସ ସଂଗ୍ରହ କରାଯାଇଥିଲା । ତେବେ ଉଭୟ କେନ୍ଦ୍ର ସରକାର ପୁରୁଣା ଓ ପ୍ରଦୂଷଣ କରୁଥିବା ଗାଡ଼ିଗୁଡ଼ିକୁ ହଟାଇବା ଓ ଅନାଦେୟ ଟିକସ ଛାଡ଼ର ଏକକାଳୀନ ଘୋଷଣା କରି ଗାଡ଼ିମାଲିକମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଏହାଫଳରେ ପୁରୁଣା ପଞ୍ଜିକୃତ ଯାନଗୁଡ଼ିକୁ ସ୍କ୍ରାପିଂ ▶▶ପୃଷ୍ଠା ୭

ସ୍ଥଗିତ ରହିଲା ଇଣ୍ଡିଆ ମେଂଟର ଦିଲ୍ଲୀ ବୈଠକ

ନୂଆଦିଲ୍ଲୀ, ୦୫/୧୨ : ଚକିତ କରିଛି ୫ ରାଜ୍ୟର ବିଧାନସଭା ଫଳାଫଳ । ୩ରାଜ୍ୟରେ ବିଜେପି ଓ ଗୋଟିଏ ରାଜ୍ୟରେ କଂଗ୍ରେସ ଅକ୍ତିଆର କରିବା ପରେ ଜାତୀୟ ରାଜନୀତିରେ ଓଲଟପାଲଟ ହୋଇଛି ପୂର୍ବ ସମୀକରଣ । ଯେଉଁ ଇଣ୍ଡିଆ ମେଂଟ ମୋଦୀ ଲହରକୁ ରୋକିବା ପାଇଁ ଗଠନ ହୋଇଥିଲା ତା ଉପରେ ପଡିଛି ନିର୍ବାଚନ ଫଳାଫଳର ବଡ ପ୍ରଭାବ । କୁହାଯାଉଛି ଫଳାଫଳର ସାଇଡ ଇଫେକ୍ଟରେ ମେଂଟରେ ଥିବା ଫାଟ ପୁଣି ବଢ଼ିଯାଇଛି । ଡିସେମ୍ବର ୬ରେ ଦିଲ୍ଲୀରେ ମେଂଠ ବୈଠକ ଆୟୋଜନ ହୋଇଥିଲେ ବି ଆସିବା ମନା କରି ଦେଇଥିଲେ କିଛି ଦଳର ମୁଖ୍ୟ । ପ୍ରଥମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାର୍ନାଜୀ ପରେ ସମାଜବାଦି ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ପରେ ଏବେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବୈଠକରେ ଯୋଗ ଦେବାକୁ ମନା କରିଥିବା ▶▶ପୃଷ୍ଠା ୭

ରାଷ୍ଟ୍ରୀୟ ରାଜପୁତ କରଣୀ ସେନା ସଭାପତି ସୁଖଦେବ ସିଂହ ଗୋଗାମେଡିଙ୍କୁ ଗୁଳି କରି ହତ୍ୟା

ନୂଆଦିଲ୍ଲୀ, ୦୫/୧୨ : ରାଷ୍ଟ୍ରୀୟ ରାଜପୁତ କରଣୀ ସେନା ସଭାପତି ସୁଖଦେବ ସିଂହ ଗୋଗାମେଡିଙ୍କୁ ଆଜି ରାଜସ୍ଥାନର ରାଜଧାନୀ ଜୟପୁରରେ ଗୁଳି କରି ହତ୍ୟା କରାଯାଇଛି । ଏହି ଗୁଳିମାଡ଼ ଘଟଣାରେ ତାଙ୍କର ଦୁଇ ଜଣ ସହଯୋଗୀ ଗୁରୁତର ଆହତ ହୋଇଛନ୍ତି । ଅପରାହ୍ନ ପ୍ରାୟ ୧.୪୫ ମିନିଟରେ ସୁଖଦେବ ସିଂହ ଗୋଗାମେଡିଙ୍କ ଘରେ ଏହି ଘଟଣା ଘଟିଥିଲା । ଏହି ହତ୍ୟାକାଣ୍ଡର ପୂରା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ସିସିଟିଭିରେ କଏଦ ଦୃଶ୍ୟରୁ ଦେଖିବାକୁ ମିଳିଛି ଯେ ସୁଖଦେବ ସିଂହ ଗୋଗାମେଡି ଓ ଆଉ ଚାରି ଜଣ ବ୍ୟକ୍ତି ଗୋଟିଏ ରୁମ୍‌ରେ ବସିଛନ୍ତି । ▶▶ପୃଷ୍ଠା ୭

ଶିକାରୀଙ୍କ ଅଭୟାରଣ୍ୟ ସାତକୋଶିଆ: ଧଳାହରିଣ ଉଭାନ୍

ବନ୍ତଳା, ୦୫/୧୨ (ନି.ପ୍ର): ୧୫ବର୍ଷ ତଳେ ସାତକୋଶିଆ ଅଭୟାରଣ୍ୟରେ ଦେଖିବାକୁ ମିଳିଥିଲା ବିରଳ ଧଳା ହରିଣ ବା ଆଲ୍‌ବିନୋ। ଧଳା ହରିଣର ଫଟୋ ଜାତୀୟ ଗଣମାଧ୍ୟମରେ ପ୍ରମୁଖ ଶିରୋନାମା ବି ପାଲଟିଲା। ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ବହୁ ପଶୁପ୍ରେମୀ ସେତେବେଳେ ଏହାକୁ ନେଇ ଖୁସିବ୍ୟକ୍ତ କରିବା ସହ ସାତକୋଶିଆକୁ ଶୁଭେଚ୍ଛା ଜଣାଇଥିଲେ। ଏ ନେଇ ୨୦୨୩ ମାର୍ଚ୍ଚ ମାସରେ ବର୍ତ୍ତମାନର ପିସିସିଏଫ୍ ବରିଷ୍ଠ ଆଇଏଫ୍‌ଏସ୍ ସୁଶାନ୍ତ ନନ୍ଦ ସୋସିଆଲ୍ ମିଡିଆରେ ସୂଚନା ବି ଦେଇଥିଲେ। ତେବେ ୨୦୧୪ରେ ପୁଣିଥରେ କିଛି ବନ୍ୟପ୍ରାଣୀ ଗବେଷକ ସାତକୋଶିଆକୁ ଲାଗିଥିବା ମହାନଦୀ ପଠାରେ ଗୋଟିଏ ଆଲ୍‌ବିନୋକୁ ଠାବ କରିଥିଲେ। କିନ୍ତୁ ଗଲା ୯ବର୍ଷ ଭିତରେ ବନ କର୍ମଚାରୀ କି ବନବିଭାଗର ଟ୍ରାପ୍ କ୍ୟାମେରାରେ ଆଉ ଆଲ୍‌ବିନୋ ଦେଖାଯାଇନାହିଁ। ସାତକୋଶିଆରେ ଥିବା ଏକମାତ୍ର ଆଲ୍‌ବିନୋ ଏବେ କେଉଁଠି ତାହା କେହି କହିପାରୁନାହାନ୍ତି। ତେଣୁ ଶିକାରୀଙ୍କ ଅଭୟାରଣ୍ୟ ପାଲଟିଥିବା ସାତକୋଶିଆରେ ଉକ୍ତ ଆଲ୍‌ବିନୋକୁ ମାରି ଦେଇଥିବା ପଶୁପ୍ରେମୀ ଆଶଙ୍କା ବ୍ୟକ୍ତ କରିଛନ୍ତି।

୨୦୧୪ ମସିହାରେ ଏହି ବିରଳ ଆଲ୍‌ବିନୋ ଚିତଲ୍‌କୁ ଅତି ପାଖରୁ ଦେଖିଥିଲେ ବନ୍ୟପ୍ରାଣୀ ଗବେଷକ ଲାଲା ଏ.କେ ସିଂହ। ୧୯୭୫ରୁ ୧୯୮୧ ମସିହା ପର୍ଯ୍ୟନ୍ତ ଶ୍ରୀ ସିଂହ ସାତକୋଶିଆରେ ବନ୍ୟପ୍ରାଣୀଙ୍କ ଉପରେ ଗବେଷଣା କରିଥିଲେ। କିନ୍ତୁ ସେତେବେଳେ ସେ ଆଲ୍‌ବିନୋ ଦେଖି ନଥିଲେ। ହେଲେ ଦ୍ୱିତୀୟଥର ପାଇଁ ୨୦୧୪ ଜୁନ୍ ମାସରେ ତାଙ୍କ ସହ ଏକ ଟିମ୍ ସାତକୋଶିଆରେ ପୁନର୍ବାର ଗବେଷଣା ପାଇଁ ଯାଇଥିବା ବେଳେ ମହାନଦୀ ପଠାରେ ଆଲ୍‌ବିନୋ ଦେଖିଥିବା ଦାବି କରିଥିଲେ। ତତ୍କାଳୀନ ଡିଏଫ୍‌ଓ ଶ୍ରୀ ରେହମାନ୍ ଏହାକୁ ସ୍ୱୀକାର କରିବା ସହ ସାତକୋଶିଆରେ ଆଲ୍‌ବିନୋ ଚିତଲ୍ ଥିବା ସ୍ପଷ୍ଟ କରିଥିଲେ। ସାତକୋଶିଆ ଅଭୟାରଣ୍ୟ ପକ୍ଷରୁ ୬ ଜୁନ୍ ୨୦୧୪ରେ ପ୍ରକାଶିତ ମାଗାଜିନ୍‌ରେ ଏହି ବିରଳ ଆଲ୍‌ବିନୋ ଚିତଲ୍‌ର ଫଟୋ ପ୍ରକାଶ ପାଇଥିଲା। ପମ୍ପାସର ରେଞ୍ଜ ଅଧୀନ ଲବଙ୍ଗି ସେକ୍ସନ୍‌ରେ ୧୩ଟି ଅନ୍ୟ ହରିଣ ସହିତ ଧଳା ହରିଣ ଥିବାର ଫଟୋ ସେତେବେଳେ ଖୁବ୍ ଭାଇରାଲ୍ ହୋଇଥିଲା।

ତେବେ ଏହାପରେ ଆଉ କେହି ବି ଉକ୍ତ ଆଲ୍‌ବିନୋ ଚିତଲ୍‌କୁ କେବେ ଦେଖିନାହାନ୍ତି। ଏ ସମ୍ପର୍କରେ ବନବିଭାଗ ପକ୍ଷରୁ କେହି କେବେ ଗୁରୁତ୍ୱ ଦେଇ ନାହାନ୍ତି। ଫଳରେ ଉକ୍ତ ଆଲ୍‌ବିନୋ ଆପେ ମରିଗଲା ନା ତାକୁ ଶିକାରୀ ମାରିଦେଲେ ତାହାକୁ ନେଇ ସଂଶୟ ସୃଷ୍ଟି ହୋଇଛି। ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ବିରଳ ଆଲ୍‌ବିନୋ ଚିତଲ୍‌କୁ ସୁରକ୍ଷା ଦିଆଯାଇପାରିଲା ନାହିଁ ବୋଲି ପଶୁପ୍ରେମୀ କହିଛନ୍ତି। ହୁଏତ ତାହା ସୁରକ୍ଷିତ ଥିଲେ ଆଜି ଆଉ କିଛି ଆଲ୍‌ବିନୋ ସାତକୋଶିଆର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଆନ୍ତେ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପଟେ ଏହା ଏକ ଜେନେଟିକ୍ ଡିସ୍‌ଅର୍ଡର ଓ ଏଥିରେ ବିଶେଷ କିଛି ସ୍ୱତନ୍ତ୍ରତା ନାହିଁ ବୋଲି କହିବା ସହ ଉକ୍ତ ହରିଣ ଆଉ ଦେଖିବାକୁ ମିଳିନାହିଁ ବୋଲି ସାତକୋଶିଆ ଡିଏଫ୍‌ଓ ସରୋଜ ପଣ୍ଡା କହିଛନ୍ତି।

ପଂଚାୟତସ୍ତରିୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୦୫/୧୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ପୁଜାରିପୁଟ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଜୟପୁର ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ. ନିସା, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଏପିଓ ମାନସ କରଙ୍କ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ଆଦି ଉପରେ ଅଭିଯୋଗ କରାଯାଇଥିଲା । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା ।

ଦେହରାଡୁନ ଜାତୀୟ ପ୍ରତିଯୋଗିତା : ପୁମସି ଇଭେଂଟରେ ଓଡିଶା ଟିମ୍ ଚାମ୍ପିୟନ

ପୁରୀ, ୦୫/୧୨ (ନି.ପ୍ର): ଉତ୍ତରାଖଣ୍ଡର ଡେରାଡୁନରେ ୧ ରୁ ୩ତାରିଖ ୩୭ତମ ସବ ଜୁନିଅର କିରୋଗୀ ଓ ୧୧ତମ ପୁମସି ଏବଂ ୬ତମ କ୍ୟାଡେଟ ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୫୩ ଜଣିଆ ଓଡିଶା ସବ-ଜୁନିଅର ଓ କ୍ୟାଡେଟ ବାଳକ ଓ ବାଳିକା ଟିମ ଏଥିରେ ଅଂଶଗ୍ରହଣ କରିଥିଲେ। ପୁମସି ଇଭେଂଟରେ ଓଭର ଅଲ ଓଡିଶା ଟିମ ୧୮ଟି ସ୍ୱର୍ଣ ପଦକ ଓ ୨ଟି ରୌପ୍ୟ ପଦକ ଜିତି ଚାମ୍ପିୟନ ଟ୍ରଫି ହାସଲ କରିଛି। ସେହିପରି କିରୋଗୀ ଇଭେଣ୍ଟରେ ୬ଟି ରୌପ୍ୟ ପଦକ ଓ ୧୪ଟି କଂସ୍ୟ ପଦକ ଜିତି ଉପ-ବିଜେତା ଟ୍ରଫି ଓଡ଼ିଆ ଟିମ ହାସିଲ କରିଥିଲା। ୪୦ ବର୍ଷ ଭିତରେ ଜାତୀୟ ସ୍ତର ଇଭେଂଟରେ ଟାଏକୋଣ୍ଡୋ ଖେଳରେ ଚାମ୍ପିୟନ ଓ ଉପ - ବିଜେତା ଟ୍ରଫି ହାସିଲ କରିବା ଓଡିଶା ଇତିହାସରେ ଏହା ପ୍ରଥମ ଥିଲା। ପୁମସିରେ ସ୍ୱର୍ଣ ପଦକ ବିଜେତା ପ୍ରତିଯୋଗୀମାନେ ଅଦମ୍ୟ ଅରିଜିତ ରୟ, ଆର. ସିଦ୍ଧାର୍ଥ ରେଡି, ଲକ୍ଷ୍ମୀପ୍ରିୟା ମୁଣ୍ଡା, ଆଗ୍ନେୟ କୁମାର ପୃଷ୍ଟି, ଆୟୁଷ କୁମାର ପୃଷ୍ଟି, ଡି. ଅର୍ପିତା ରେଡି, ଦିବ୍ୟା ସାହୁ, ଅନ୍ୱେଷା ସାହୁ, ଦିବ୍ୟଂଶୀ ବେହେରା, ସ୍ୱାଗତ ମିର୍ଧା, ଅପର୍ଣ୍ଣା ସାହୁ, ପ୍ରିୟାଂଶୁ ସ୍ୱାଇଁ, ଅସ୍ମିତ କୁମାର ସାହୁ, ସୁଭାଶିଷ ମହିଷାଲ, ବୋମାଲୀ ଜହ୍ନବି, ସୁଶ୍ରୀ ସାମନ୍ତରା, ଶ୍ରୀୟା ମହାନ୍ତି ରହିଛନ୍ତି। ଅପର୍ଣ୍ଣା ସାହୁ, ଦିବ୍ୟା ସାହୁରୌପ୍ୟ ପଦକ ବିଜେତା ହୋଇଥିଲେ । କିରୋଗୀ ଇଭେଂଟରେ ରୌପ୍ୟ ବିଜେତାମାନେ ସତ୍ୟ ରଞ୍ଜନ ଜେନା, ସ୍ୱୟାନ ପ୍ରଜ୍ଞା ଦାସ, ପିୟା ବେହେରା, ସ୍ମାରକ ଶର୍ମା, ଜ୍ୟୋତି ପ୍ରକାଶ ମଲ୍ଲିକ,ବୋମାଲୀ ଜାନଭି। କଂସ୍ୟ ପଦକ ବିଜେତା :ଆୟୁଷ କୁମାର ଗୌଡୁ, ଓମ ପ୍ରକାଶ ସେଠ, ଚନ୍ଦନ ନାୟକ, ଆୟୁଷ କୁମାର ପୃଷ୍ଟି, ଆଇସା ବେହେରା, ପାୟଲ ଧୂରୁଆ, ସାଇ ସଂପ୍ରୀତି ପ୍ରଧାନ, ଡି. ଅର୍ପିତା ରେଡି, ଲକ୍ଷ୍ମୀପ୍ରିୟା ମୁଣ୍ଡା,ଶୁଭମ ମହାପାତ୍ର, ଅପର୍ଣ୍ଣା ସାହୁ, ଓମଶ୍ରିତା ରଥ, ଶ୍ରେୟାଶ୍ରୀ ପ୍ରେକିତା,ଜାତବେଦ ତ୍ରିପାଠୀ। ଖେଳାଳିଙ୍କ ଉନ୍ନତ ପ୍ରତିଭା ଯୋଗୁ ଜାତୀୟ ପ୍ରତିଯୋଗୀତାରେ ସୁନାମ ଅର୍ଜନ କରି ରାଜ୍ୟର ଗର୍ବ ଆଉ କୌରବ ଆଣିବା ପାଇଁ ଓଡ଼ିଆ ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି।

ଟ୍ରକ୍ ପଛରେ ଧକ୍କାଦେଲା ବସ୍ : ୧୫ ଆହତ

ଧର୍ମଶାଳା, ୦୫/୧୨ (ନି.ପ୍ର): ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥର ବଡଚଣା ନିକଟରେ ଦୁର୍ଘଟଣା ଘଟିଛି । ଏକ ଗହମ ବୋଝେଇ ଟ୍ରକ ପଛରେ ଧକ୍କା ଦେଇଛି ଘରୋଇ ବସ୍ । ଏହି ଘଟଣାରେ ମୋଟ ୧୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଛନ୍ତି । ୨ ଗୁରୁତରଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଥିବା ବେଳେ ଆହତଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଓ ବଡଚଣା ପୋଲିସ ଘଟଣାସ୍ଥଳରେ ପଂହଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି । ସୂଚନା ମୁତାବକ, ଆଜି ସକାଳ ସାଢେ ୧୦ଟା ସମୟରେ ବଡଚଣା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ପେଟ୍ରୋଲ ପମ୍ପ ନିକଟରେ ଏକ ଗହମ ବୋଝେଇ ଟ୍ରକ୍ ପଛ ପଟରେ ବାଲେଶ୍ୱରରୁ କଟକ ଯାଉଥିବା ନାୟକ ନାମକ ଏକ ଘରୋଇ ବସ୍ ଧକ୍କା ଦେଇଥିଲା । ଫଳରେ ବସ ର ସମ୍ମୁଖରେ ବସିଥିବା ଯାତ୍ରୀମାନେ ରକ୍ତାକ୍ତ ହେବା ସହିତ ଅନେକ ଯାତ୍ରୀ ଭୟଭିତ ହୋଇପଡିଥିଲେ । ଏହି ଘଟଣା ଘଟିବା ପରେ ସ୍ଥାନୀୟ ଲୋକେ ପଂହଚି ଉଦ୍ଧାର କରିଥିଲେ । ପରେ ପରେ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଓ ବଡଚଣା ପୋଲିସ ଘଟଣାସ୍ଥଳରେ ପଂହଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ ।

ସ୍ତ୍ରୀ ଓ ପିଲାକୁ ପାଇବାକୁ ଥାନାର ଦ୍ୱାରସ୍ଥ

କୋରେଇ, ୦୫/୧୨ (ନି.ପ୍ର): ନିଜ ସ୍ତ୍ରୀ ଓ ପିଲାକୁ ଫେରିପାଇବାକୁ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି ସ୍ୱାମୀ । ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଣ୍ଡାବର ଗ୍ରାମର ଅତୁଳ ଯେନାଙ୍କ ପୁଅ ଶ୍ରଦୁଲନ ଯେନାଙ୍କ ଅଭିଯୋଗ ମୁତାବକ ଗତ ନଭେମ୍ବର ୧୫ ତାରିଖ ତାଙ୍କ ଦାଦାପୁଅ ଭାଇ ସୁରେଶ ଯେନା ତାଙ୍କ ସ୍ତ୍ରୀ ସରସ୍ୱତୀ ଓ ତାଙ୍କ ପିଲାଙ୍କୁ ନେଇ ପଳାଇ ଆସିଥିଲ । ଏନେଇ ଖୋଜାଖୋଜି ପରେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସୋତି ଗ୍ରାମର ସନାତନ ଯେନାଙ୍କ ଘରେ ସେମାନେ ରହୁଥିବା ଖବର ପାଇ ସନାତନଙ୍କ ଘରକୁ ଯାଇଥିଲେ । ମାତ୍ର ସନାତନକୁ ଏନେଇ ପଚାରିବାରୁ ସେ ଏହି କଥାକୁ ଖଣ୍ଡନ କରିଥିଲେ । ହେଲେ ନିଜ ସ୍ତ୍ରୀ ଓ ପିଲାକୁ ପାଇବାକୁ ସେ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗକୁ ଭିତି କରି ପୁଲିସ ତଦନ୍ତ ଜାରି ରଖିଛି ।

ଶୌଚାଳୟ ନିର୍ମାଣ ଲକ୍ଷ୍ୟ ପୂରଣରେ ବାଧକ ପାଲଟିଛି 'ହାତଗୁଞ୍ଜା'

ଖୋର୍ଦ୍ଧା: ଘରେ ଶୌଚାଳୟ ରହିବା ଏକ ସଭ୍ୟ, ଶିକ୍ଷିତ ଓ ଆଭିଜାତ୍ୟର ପରିଚୟ ହେଲାଣି। ରାଜ୍ୟର ସବୁଠାରୁ ଶିକ୍ଷିତ ଜିଲ୍ଲା ଖୋର୍ଦ୍ଧାରେ କିନ୍ତୁ ଏହି ପରିଚୟ ୪୦ ହଜାର ପରିବାରଙ୍କ ନିକଟରେ ପହଞ୍ଚି ପାରିନାହିଁ। କିଛି ଦିନ ପୂର୍ବେ, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦୁର୍ନୀତି ଓ ଅପାରଗତା ଯୋଗୁଁ ଖୋର୍ଦ୍ଧା ଜିଲ୍ଲା କିଭଳି ସ୍ୱଚ୍ଛଭାରତ ମିଶନ-ଗ୍ରାମୀଣ ଯୋଜନାରେ ପଛରେ ପଡ଼ିଛି ସେନେଇ ସମ୍ବାଦରେ ଖବର ପ୍ରକାଶିତ ହୋଇଥିଲା। ଆଜି ଏହାର ଆଉ ଏକ ପ୍ରମାଣ ମିଳିଛି, ଜିଲ୍ଲାରେ ବ୍ୟକ୍ତିଗତ ଶୌଚାଳୟଟିଏ ନିର୍ମାଣ କରିବାକୁ ୫ଶହ ଟଙ୍କା ହାତଗୁଞ୍ଜା ଦେଇଥିଲେ କିନ୍ତୁ ବର୍ତମାନ ସୁଦ୍ଧା ଶୌଚାଳୟ ନିର୍ମାଣ ଅର୍ଥ ପ୍ରଦାନ କରାଯାଇନାହିଁ। ଜିଲ୍ଲାରେ ଗ୍ରାମାଞ୍ଚଳରେ ୨ଲକ୍ଷ ୪୭ହଜାର ୩୦୪ ଟି ପରିବାର ରହିଛି। ସେମାନଙ୍କ ମଧ୍ୟରୁ ନଭେମ୍ବର ଶେଷ ସୁଦ୍ଧା ୨ଲକ୍ଷ ୮ ହଜାର ୬୦୫ଜଣଙ୍କ ଘରେ ଶୌଚାଳୟ ନିର୍ମାଣ ହୋଇଛି। ବଳକା ଲୋକ ଆବେଦନ କରିଛନ୍ତି, ସେମାନଙ୍କୁ ମିଳିପାରିନାହିଁ। ଅନେକ ଲୋକ ଏଭଳି ଅଛନ୍ତି ଯେଉଁମାନେ ଶୌଚାଳୟ ପାଇଁ ଆବେଦନ କରି ନିର୍ମାଣ କରିଛନ୍ତି, କିନ୍ତୁ ଅଧିକ ହାତଗୁଞ୍ଜା ଦେଇନପାରିବାରୁ ସେମାନଙ୍କୁ ନିର୍ମାଣ ଅର୍ଥ ମିଳିପାରିନାହିଁ। ଖୋର୍ଦ୍ଧା ବ୍ଲକ ବ୍ରଜମୋହନପୁର ଗାଁର ରାମଚନ୍ଦ୍ର ଯୁଝାରସିଂହଙ୍କ ଅଭିଯୋଗ ଅନୁସାରେ, ସ୍ୱଚ୍ଛଭାରତ ନିର୍ମାଣ ଯୋଜନାରେ ଘରେ ପାଇଖାନା ନିର୍ମାଣ କରିବାକୁ ତାଙ୍କ ବାପା ଘନଶ୍ୟାମ ଯୁଝାରସିଂହଙ୍କୁ କାର୍ଯ୍ୟାଦେଶ ମିଳିଥିଲା। କାର୍ଯ୍ୟାଦେଶ ଅନୁସାରେ ସେମାନେ ୨୦୨୦ରେ ଶୌଚାଳୟ ନିର୍ମାଣ କଲେ। ବିଲ୍ ପାଇଁ ନିର୍ଦ୍ଧାରିତ ନିୟମାନୁସାରେ ଫର୍ମ ପୂରଣ କରି ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ପରେ ଯାଞ୍ଚ କରିବାକୁ ସିପି ଓ ଭିଆରପି (ଆରଡବ୍ଲୁଏସ୍‌ଏସ୍) ଆସିଥିଲେ। ସେହି ସମୟରେ କର୍ମଚାରୀଙ୍କ ବରାଦ ଅନୁସାରେ ୫ଶହ ଟଙ୍କା ଲାଞ୍ଚ ଦେଲେ। ଏହା ମଧ୍ୟରେ ୩ ବର୍ଷ ବିତିଯାଇଛି, ତାଙ୍କ ବାପାଙ୍କ ଦେହାନ୍ତ ମଧ୍ୟ ଘଟିଛି, କିନ୍ତୁ ତାଙ୍କୁ

ଶୌଚାଳୟ ନିର୍ମାଣର ଅର୍ଥ ମିଳିନାହିଁ। ସେହିଭଳି ଅନ୍ୟଏକ ଘଟଣାରେ, ମଳିପଡ଼ାର ହରିହର ରାଉତରାୟ ନିଜ ଘରେ ଶୌଚାଳୟ ନିର୍ମାଣ କରିବା ପାଇଁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ, ଭିଆରପିଙ୍କୁ ଅନୁରୋଧ କରି ନଶୁଣିବାରୁ ଜଣେ ରୋଗଗ୍ରସ୍ତ ବ୍ୟକ୍ତି ଶେଷରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉପରୋକ୍ତ ଦୁଇଟି ଘଟଣା ଜିଲ୍ଲାରେ ଶୌଚାଳୟ ନିର୍ମାଣକୁ ନେଇ ଚାଲିଥିବା ଅନିୟମିତା କଥା ପଦାରେ ପକାଉଛି। ଯୋଜନାର ସଫଳତା ପାଇଁ କର୍ମଚାରୀ ଓ ଅଧିକାରୀଙ୍କ ଆନ୍ତରିକତା କିଭଳି ରହିଛି ତାହା ଖୋଦ୍ ଜିଲ୍ଲା ପ୍ରଶାସନର ତଥ୍ୟ ହିଁ ସ୍ପଷ୍ଟ କରୁଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଜିଲ୍ଲାର ୧୦ଟି ବ୍ଲକରୁ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ ୧୭ ହଜାର ୫୮୩ ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୧୩୧୪ଜଣଙ୍କ ନାମ ବିଭାଗୀୟ କର୍ମଚାରୀ ଅନ୍‌ଲାଇନରେ ଦାଖଲ କରିଥିଲେ। ଦାଖଲ ହୋଇଥିବା ବ୍ୟକ୍ତି ଙ୍କ ମଧ୍ୟରୁ ୧୦, ୫୧୫ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ୨୦୨୨ ଆର୍ଥିକ ବର୍ଷ ଶେଷ ସୁଦ୍ଧା କେବଳ ୪ହଜାର୪୭୬ଜଣ ହିଁ ଶୌଚାଳୟ ନିର୍ମାଣ କାମ ଶେଷ କରିବା ସହ ଜିଓ ଟ୍ୟାଗିଂ ହୋଇପାରିଥିଲା।

ମଣ୍ଡିରେ ଧାନ ବିକ୍ରୟ ନିମନ୍ତେ ଗଡ଼ିଲା କୃଷକ ସଚେତନତା ରଥ

ରାଇରଙ୍ଗପୁର, ୦୫/୧୨ (ନି.ପ୍ର): 'ଚାଷୀ ହସିଲେ ଦୁନିଆ ହସିବ'. ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାର ସର୍ବଦା ପ୍ରତିଶୃତିବଦ୍ଧ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ ଚଳିତ ଡିସେମ୍ବର ମାସ ୧୦ ତାରିଖ ରୁ ୩୧ ତାରିଖ ପର୍ଯ୍ୟନ୍ତ ୨୦୨୩ -୨୪ ବର୍ଷ ଖରିଫ ଋତୁ ପାଇଁ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବା ନେଇ କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ବାମନଘାଟୀ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀ ଭାଇ ମାନଙ୍କ ଅବଗତି ନିମନ୍ତେ ଆଜି ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ କୃଷକ ସଚେତନତା ରଥକୁ ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ରଥକୁ ଶୁଭାରମ୍ଭ କରି ଉପଜିଲ୍ଲାପାଳ ଶ୍ରୀ ଦାଶ କହିଥିଲେ କି ଉକ୍ତ ରଥ ର ପରିକ୍ରମା ର ମୁଖ୍ୟ ଉଦେଶ୍ୟ ହେଉଛି ଜଣେ ଚାଷୀ ମଣ୍ଡି କୁ ତାଙ୍କର ଧାନ ବିକ୍ରୟ ପାଇଁ ଆସିବା ପୂର୍ବରୁ ଏହା ଜାଣିବା ନିତ୍ୟାନ୍ତ ଜରୁରୀ କି ବିକ୍ରି ପାଇଁ ଉଦିଷ୍ଟ ଧାନ ର ମାନ କିପରି ହେବା ଉଚିତ ଏବଂ ମଣ୍ଡି ରେ ଧାନ ବିକ୍ରି କରିବା ପାଇଁ ତାଙ୍କୁ କ'ଣ କ'ଣ ନିୟମ ଅନୁସରଣ କରିବା ପାଇଁ ପଡିବ। ଏହି ରଥ ଉପଖଣ୍ଡ ର ସମସ୍ତ ଗ୍ରାମ ପଂଚାୟତକୁ ପରିକ୍ରମାରେ ଯାଇ ଖରିଫ ଋତୁରେ ଧାନ ବିକ୍ରୟ ସମ୍ବନ୍ଧରେ ଚାଷୀ ମାନଙ୍କୁ ବିଭିନ୍ନ ସୂଚନା ପ୍ରଦାନ କରିବା ସହ ସଚେତନତା ବାର୍ତା ପହଂଚାଇବ ଯଦ୍ୱାରା ଚାଷୀ ମାନେ ସେମାନଙ୍କ ର ଧାନ ବିକ୍ରି ପାଇଁ ମଣ୍ଡିକୁ ଆସି କୌଣସି ସମସ୍ୟାର ସମ୍ମୁଖୀନ ନ ହୋଇ ଅମଳ କରିଥିବା ଧାନକୁ ରାଇରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ନିକଟସ୍ଥ ଲ୍ୟାମ୍ପ/ ମଣ୍ଡି ମାଧ୍ୟମ ରେ ଗୁଣାତ୍ମକ ମାନ (ରଇଛ)ର ଧାନକୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମରେ ବ୍ୟବସ୍ଥିତ ଢଙ୍ଗରେ ବିକ୍ରୟ କରି ଧାନର ସହାୟକ ମୂଲ୍ୟ ବ୍ୟାଙ୍କ ଖାତା ଜରିଆରେ ପାଇପାରିବେ।

ପ୍ରକାଶ ଥାଉକି, ସରକାରଙ୍କ ତରଫରୁ ଚଳିତ ବର୍ଷ ସାଧାରଣ ବର୍ଗ ଧାନ କୁଇଂଟାଲ ପ୍ରତି ଦର ଟ.୨୧୮୩/-ଙ୍କା ଧାର୍ଯ୍ୟ କରାଯାଇଛି। ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଏ. ଆର. ସି. ଏସ. ସୀମା ମୁର୍ମୁ, ରାଇରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି ର ସମ୍ପାଦକ ମନୋରଞ୍ଜନ ବେହେରା, କୋଷାଧ୍ୟକ୍ଷ ଦିନେଶ କୁମାର ବେହେରା ତଥା ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

ଆସନ୍ତା ୯ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର, ୦୫/୧୨ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ୯ ତାରିଖ (ଶନିବାର) ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ପା, ସେମିଳିଗୁଡା, ଦଶମନ୍ତପୁର, ଲମତାପୁଟ-କୋରାପୁଟ ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦ

୧୮୫୮ର ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳ

ପ୍ରକାଶ ନାୟକ

ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ଜୀବନକୁ ବଳି ପକେଇଥିବା ସଂଗ୍ରାମୀମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲାର ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳଙ୍କ ବୀରତ୍ୱ ଉଦାହରଣ ଯୋଗ୍ୟ । ଏହି ପରିପ୍ରେକ୍ଷୀରେ ଅନେକ ବ୍ୟକ୍ତିତ୍ୱ ଯେଉଁମାନେ କୌଣସି କାରଣରୁ ଇତିହାସ ପୃଷ୍ଠାରେ ସ୍ଥାନ ପାଇନାହାନ୍ତି ସେମାନଙ୍କୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ ଚାଲିଛି । ଓଡିଶାର ଯାଜପୁର ଜିଲ୍ଲାର ବରୀ ଧୋୟା ଅଞ୍ଚଳରେ ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳଙ୍କ ଜନ୍ମ ୧୪ ଫେବୃଆରୀ ୧୮୦୬ରେ । କଥା ୧୮୫୭ ମସିହାର ଇଷ୍ଟ ଇଣ୍ଡିଆ କମ୍ପାନୀ ଚାଷୀମାନଙ୍କ ଉପରେ ଅଧିକରୁ ଅଧିକ ଟିକସ ବଢାଇ ଚାଲିଥାନ୍ତି । ଫଳରେ ଚାଷୀ,ମୂଳିଆ ତଥା ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥାଏ । ଯାଜପୁରର ଜମିଦାରମାନଙ୍କ ନେତୃତ୍ୱରେ ଇଂରେଜମାନଙ୍କ ବିରୁଦ୍ଧରେ ୧୮୫୭ ମସିହାରେ ଉପକୂଳ ଓଡିଶାରେ ଆରମ୍ଭ ହୋଇଥିବା ସଶସ୍ତ୍ର ସଂଗ୍ରାମରେ ରାମକୃଷ୍ଣ ସାମନ୍ତସିଂହାର ଓ ସାଥୀଗଣ ନେତୃତ୍ୱ ଗ୍ରହଣ କରିଥିଲେ । ଜମିଦାର ଓ ଚାଷୀମାନଙ୍କର ସଂଗ୍ରାମ ଏତେ ପ୍ରଚଣ୍ଡ ଥିଲା ଯେ, ଇଂରେଜମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଇଂରେଜ ସରକାର ଆନ୍ଦୋଳନକାରୀମାନଙ୍କୁ କଳାପାଣି ପଠାଇ ଦେଇ ସମ୍ପତ୍ତି ବାଜ୍ୟାପ୍ତ କରିଥିଲେ । ଅବଶ୍ୟ ୧୮୫୮ ମସିହାରେ ଯେତେବେଳେ ଦେଶରେ ଆନ୍ଦୋଳନ ଭୟଙ୍କର ରୂପନେଲା ସେତେବେଳେ ଇଂଲଣ୍ଡର ମହାରାଣୀଙ୍କ ରାଜକ୍ଷମା ବଳରେ ସମସ୍ତେ ଜେଲରୁ ମୁକ୍ତି ପାଇବା ସହ ଧନସମ୍ପତ୍ତି ଫେରି ପାଇଥିଲେ । କିନ୍ତୁ ଗିରଫ ହୋଇନଥିବା ସଂଗ୍ରାମୀଙ୍କ ଭିତରୁ ବର୍ତ୍ତମାନର ଯାଜପୁର ଜିଲ୍ଲାର ରିଶିପୁର ଦେ'ବିଲର ସଂଗ୍ରାମୀ ଯୁବକ ଶ୍ରୁତିଙ୍କୁ କେହି ଧରିପାରିନଥିଲେ । ଶ୍ରୁତି ବିଶ୍ୱାଳ ଇଂରେଜ ସେନାଙ୍କ ଆଖିରେ ଧୂଳି ଦେଇ ଇଂରେଜ ବିରୁଦ୍ଧରେ ଲୁଚିଛପି ଅତର୍କିତ ଆକ୍ରମଣ ଜାରି ରଖିଥିଲେ । ସେ ବାଲିଆ (ଅଭିମନ୍ୟୁ ସାମନ୍ତସିଂହାର)ର ଜମିଦାର ରାମକୃଷ୍ଣ ସାମନ୍ତସିଂହାରଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଦୂତଭଳି କାମ କରୁଥିଲେ । ଶ୍ରୁତି ବିଶ୍ୱାଳ ଇଂରେଜମାନଙ୍କ ଚାଲିଚଳନ ଉପରେ ନଜର ରଖୁଥିଲେ ଓ ଗାଆଁ ଗାଆଁ ବୁଲି ସଭାସମିତି ଆୟୋଜନ କରି ଇଂରେଜମାନଙ୍କ ଅତ୍ୟାଚାର ବିରୁଦ୍ଧରେ ସଶସ୍ତ୍ର ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଉ ଥିଲେ ।

ଏପଟେ ଯାଜପୁର ସବ୍‌ଡିଭିଜନ ଓ ସେପଟେ କଟକ ଜିଲ୍ଲା ମହକୁମା ମଝିରେ ତାଙ୍କର ପ୍ରଭାବ ଥିଲା । ବ୍ରାହ୍ମଣୀ ନଦୀର ଉପନଦୀ କାଣି ଓ ଖରସ୍ରୋତାର ଧୋୟା ଅଞ୍ଚଳରେ ଶ୍ରୁତି ବିଶ୍ୱାଳ ମେଳି କରୁଥିଲେ, ଚାଷୀ, ମୂଳିଆ ଓ ଅନ୍ୟାନ୍ୟ ବର୍ଗର ଲୋକଙ୍କୁ ନେଇ । ସେ ଇଂରେଜ ଶାସନର କର୍ମଚାରୀମାନଙ୍କ ଉପରେ କେବଳ ଅତର୍କିତ ଆକ୍ରମଣ କରି ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁନଥିଲେ ବରଂ ଇଂରେଜମାନଙ୍କର ନିଦ ହଜେଇ ଦେଇଥିଲେ । ସେ କୌଣସି ଘଟଣା ଘଟେଇ ରଣପା ସାହାଯ୍ୟରେ ଆଖିପିଛୁଳାକେ ଅନ୍ତର୍ଦ୍ଧାନ ହୋଇଯାଉଥିଲେ । ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ ସେ ରଣପା ଦ୍ୱାରା ବିଲ, ବାଡି, ଗହିର ନଦୀ ପାର ହୋଇ ବାଲିଆ ପର୍ଯ୍ୟନ୍ତ ପଳାଉଥିଲେ । ଏମିତି ଦିନେ ଇଂରେଜ ସିପାହୀ ଦୁଇଜଣ ତାଙ୍କୁ ଧରିବା ପାଇଁ ବାଲିଆ ଆସି ସେ ନିତ୍ୟକର୍ମ କରିବା ଅବସ୍ଥାରେ ଧରିପକାଇଥିଲେ । କୌଣସି ଉପାୟ ନପାଇ ଦୁଇଜଣ ସିପାହୀଙ୍କୁ ଶ୍ରୁତି ନିଜର ବଳିଷ୍ଠ ବାହୁ ମଧ୍ୟରେ ଚାପିଦେଇ ମାରିଦେଲେ । ଏକଥା ବିଦ୍ୟୁତ୍ ବେଗରେ ପ୍ରଚାରିତ ହେବା ପରେ ଇଂରେଜ ଶାସକ ମର୍ମାହତ ହେଲେ । ଇଂରେଜମାନେ ଚାହୁଁନଥିଲେ, ଏପରି ଘଟଣାର ପୁନରାବୃତ୍ତି ଘଟୁ । ତେଣୁ ହତ୍ୟା ଅଭିଯୋଗରେ ତାଙ୍କୁ ପ୍ରଥମେ ଗିରଫ କରି କଟକ ନିଆଗଲା । ତେରଦିନ ପରେ ଇଂରେଜଙ୍କ ମିଥ୍ୟା ମକଦ୍ଦମା ଓ ବିଚାର ଯୋଗୁ ତରବରିଆ ଭାବରେ ୧୭ଜୁନ ୧୮୫୮ରେ ଛତିଶ ଦେବିଲରେ ନିଜ ପରିବାର ଓ ଗ୍ରାମବାସୀଙ୍କ ସମ୍ମୁଖରେ ତାଙ୍କୁ ଫାଶୀ ଦିଆଯାଇଥିଲା ।

ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳଙ୍କୁ ଫାଶୀ ଦିଆଯାଇଥିବା ବୀରତ୍ୱର ମୁକ ସାକ୍ଷୀ ରହିଛି ଫାଶୀପଡିଆ । ରାଜ୍ୟ ସରକାରଙ୍କ ନିକଟରେ ସହିଦ ଶ୍ରୁତି ବିଶ୍ୱାଳଙ୍କ ସଂପର୍କରେ ତଥ୍ୟ ଅଛିକି ନାହିଁ, ଜଣା ନାହିଁ ମାତ୍ର ବରୀ ଅଞ୍ଚଳର ଛତିଶ ଦେବିଲ ଅଞ୍ଚଳରେ ବିଗତ ୧୬୫ ବର୍ଷ ହେଲା ଶେଷରଜ ପରଦିନ ଘର ଅରନ୍ଧା, ଅବଡା ରହେ ଓ ଲୋକ ଉପବାସ ପାଳନ କରନ୍ତି ।

+ଗୁରୁଗ୍ରାମ, ନୂଆଦିଲ୍ଲୀ
ମୋ-୭୮୨୭୧୭୩୨୬୯

ଏହି ସବୁ ଖାଦ୍ୟକୁ ସୀମା ଭିତରେ ଖାଇବା ଶରୀର ପାଇଁ ଭଲ

ଆଜିକାଲି ବିଭିନ୍ନ ପ୍ରକାରର ରୋଗବୈରାଗ ଓ ମୋଟାପଣ ଏକ ସାଧାରଣ ସମସ୍ୟା ହୋଇଥିବାରୁ ଲୋକେ ଦିନକୁ ଦିନ ବେଶି ବେଶି ଖାଦ୍ୟକୁ ନେଇ ସଚେତନତା ଅବଲମ୍ବନ କରୁଛନ୍ତି । ଏମିତି ଅନେକ ଖାଦ୍ୟ ରହିଛି ଯାହାକୁ ଆମେ ଦେହ ପାଇଁ ସୁସ୍ଥକର ଭାବି ଅଧିକାଂଶ ସମୟରେ ଭକ୍ଷଣ କରିଥାଉ ତାହା କିନ୍ତୁ ଅସୁସ୍ଥକର ହୋଇଥାଏ । ତେବେ ଚାଲନ୍ତୁ ଜାଣିବା ସେସବୁ କ'ଣ ।

ହିନ୍ଦୁ ପରମ୍ପରାରେ ଶକ୍ତି ଉପାସନା

ହିନ୍ଦୁ ପରମ୍ପରାରେ ଶକ୍ତି ଉପାସନାର ମହତ୍ୱ ରହିଛି । ପାୱାର ବା ଏନର୍ଜି ବା ଶକ୍ତି ହେଉଛି ସବୁ କିଛି । ନାରୀ ଯେ ଶକ୍ତି ଓ ସେହି ଶକ୍ତିକୁ ଯେତେ ଶକ୍ତିଶାଳୀ କରିବ ଜଣେ ସେତିକି ଶକ୍ତିମାନ ହୋଇପାରିବ ଏହା ହିନ୍ଦୁ ଧର୍ମର ଶକ୍ତି ଉପାସାନ ପ୍ରମାଣିତ କରିଥାଏ । ସଂସ୍କୃତରେ ଶକ୍ତି ଶବ୍ଦ ଶକ୍ ଶବ୍ଦରୁ ଆସିଛି । ଯାହାର ଅର୍ଥ କିଛି କରିବାକୁ ସକ୍ଷମ । ଏହି ଶକ୍ତି ହିଁ ଆମ ଜୀବନର ମୂଳମନ୍ତ୍ର । ଶକ୍ତି ହିଁ ସୃଷ୍ଟିର ମୂଳ କାରଣ, ପଶୁ, ପକ୍ଷୀ, ମାନବ, ବୃକ୍ଷ ସବୁକିଛିର ବିକାଶ ମୂଳରେ ପ୍ରକୃତିର ଶକ୍ତି । ମାନବ ଭିତରେ ଥିବା ଶକ୍ତି (ନାରୀତ୍ୱ) ହେଉଛି ବୁଦ୍ଧି, ଦୟା, ଭକ୍ତି ଇତ୍ୟାଦି । ଶକ୍ତି ବିନା ସମଗ୍ର ପୃଥିବୀ ଏକ ଜଡ଼ ପଦାର୍ଥ ।

ରଗ ବେଦରୁ ହିନ୍ଦୁ ସମାଜରେ ଶକ୍ତି ଉପାସନା ପରମ୍ପରା ଦେଖିବାକୁ ମିଳିଥାଏ । ରଗବେଦରେ ୪୦ ପ୍ରକାର ଦେବୀଙ୍କ ନାମ ଉଲ୍ଲେଖ ରହିଛି । ସରସ୍ୱତୀ, ଉଷା, ଅଦିତି ଇତ୍ୟାଦି...ଶକ୍ତି ଶବ୍ଦଟି ରଗବେଦରେ ୧୨ଥର ଉଚ୍ଚାରଣ ହୋଇଛି । ସେଥିମଧ୍ୟରୁ ଶକ୍ତିବତ୍ ଓ ଶକମାନ ଯଥାକ୍ରମେ ଦୁଇଥର ଓ ୫ଥର ଉଲ୍ଲେଖ ଅଛି । ରଗବେଦରେ ଏକ ଅଂଶକୁ ଦେବୀ ସୂକ୍ତ କୁହାଯଏ । ଦେବୀସୂକ୍ତରେ ଶକ୍ତିଙ୍କୁ ଏକ ବ୍ରହ୍ମାଣ୍ଡୀୟ ସିଦ୍ଧାନ୍ତ ବୋଲି କୁହାଯାଇଛି । ଭାରତୀୟ ଦର୍ଶନରେ ବିଭିନ୍ନ ଭାବେ ଦେବୀଙ୍କୁ ସ୍ମରଣ କରାଯାଇଛି । ମୀମାଂସକମାନଙ୍କ ମତରେ ଶକ୍ତି ହଉଛି ସବୁ ପଦାର୍ଥର ନିହିତ ସତ୍ତା । ସାଂଖ୍ୟ ଦର୍ଶନରେ ଏହାକୁ ପ୍ରକୃତି ଓ ପୁରୁଷଭାବେ ବର୍ଣ୍ଣନା କରାଯାଇଛି । ହିନ୍ଦୁ ଦର୍ଶନରେ କୁହାଯାଇଛି ଶକ୍ତି ହେଉଛି ଏକ ଏଭଳି ସତ୍ତା ଯାହା ଶୂନ୍ୟରେ ରହିପାରେ ନାହିଁ । ଯଦି କେଉଁଠି ଏକ ଶକ୍ତି ଅଛି, ଏହାର ଅର୍ଥ ଏହା ଅନ୍ୟ କାହାର ଶକ୍ତି । ତେଣଉ ସବୁ ହିନ୍ଦୁ ଦେବତାଙ୍କ ସହ ଏକ ନାରୀ ଶକ୍ତି(ଦେବୀ)ଥିବା ଦେଖାଯାଇଥାଏ । ଶିବପାର୍ବତୀ, ଲକ୍ଷ୍ମୀନାରାୟଣ, ବ୍ରହ୍ମା ସରସ୍ୱତୀ, ରାଧାକ୍ରିଷ୍ଣ ଇତ୍ୟାଦି । ଶିବରେ 'ଇ' ଅକ୍ଷର ହେଉଛି ଶକ୍ତି । ଇ ଅକ୍ଷରକୁ ବାଦ ଦେଲେ ଶିବ ହୋଇଯାଆନ୍ତି ଶିବ ବା ଜଡ଼, ଜୀବନହୀନ । ଯେପରି ଏକ କମ୍ପ୍ୟୁଟର ବିଦ୍ୟୁତ ବିନା ମୂଲ୍ୟହୀନ, ସହେପରି ଶକ୍ତି ବିନା ଜଣେ ମାନବ ଦୁର୍ବଳ । ଶକ୍ତି ଥିଲେ ସେ ଶକ୍ତିମାନ ପରି ସୁପରମ୍ୟାନ । ବର୍ତ୍ତମାନ ଯୁଗରେ ଶକ୍ତିର କଥା ଖୁବ ଆଲୋଚନା ହେଉଛି । ପାଶ୍ଚାତ୍ୟ ଦେଶରେ ମଧ୍ୟ ଶକ୍ତିକୁ ନେଇ ବେଶ୍ ପରୀକ୍ଷା ନିରୀକ୍ଷା ପରେ ମାଥ୍ୟୁ ଫକ୍ସ ଓ ବିକି ନୋବେଲ କହିଛନ୍ତି ହିନ୍ଦୁ ବା ପାଶ୍ଚାତ୍ୟ ଚିନ୍ତାଧାରାକୁ ବାଦଦେଲେ ଈଶ୍ୱରଙ୍କର ନାରୀ ରୂପକୁ ପୁଣିଥରେ ମଣିଷ ଭିତରେ ପୁନଃ ଆବିଷ୍କାର କରିଛନ୍ତି । ପରିବେଶବିତ୍ ବନ୍ଦନା ଶିବ ଲେଖିଛନ୍ତି, ପ୍ରକୃତି ଉପରେ ହିଂସାତ୍ମକ ଆଚରଣ ଦ୍ୱାରା ସମଗ୍ର ପରିବେଶ ସନ୍ତୁଳନତା ବିଗିଡ଼ି ଯାଉଛି ଆଉ ମହିଳାଙ୍କ ଉପରେ ହିଂସା ଯୋଗୁଁ ସାମାଜିକ ସନ୍ତୁଳନତା ବିଗିଡ଼ି ଯାଉଛି । ଶକ୍ତି ହେଉଛି ଏପରି ଏକ ବଳ ବା ସତ୍ତା ଯାହା ସମସ୍ତ ମାନବ ସଂସ୍କୃତିକୁ ପ୍ରଭାବିତ କରିବାର କ୍ଷମତା ରଖିଥାଏ । ତେବେ ମାନବକୁ ପ୍ରଥମେ ନିଜ ଭିତରର ସେହି ଶକ୍ତିକୁ ଚିହ୍ନିବାକୁ ପଡ଼ିବ ।

ଘରେ ପ୍ରସ୍ତୁତ କରନ୍ତୁ କଙ୍କଡ଼ା ନଡ଼ିଆ ରସା

ଆବଶ୍ୟକ ସାମଗ୍ରୀ: କଙ୍କଡ଼ା, କଟା ପିଆଜ, କଟା କଞ୍ଚା ଲଙ୍କା, ଅଦା ରସୁଣ ପେଷ୍ଟ, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ଟମାଟୋ, ନଡ଼ିଆ ରସ, ସୋରିଷ ତେଲ, ଲୁଣ, ଗୋଟା ଗରମ ମସଲା,ଧନିଆ ପତ୍ର, ଗରମ ମସଲା ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଙ୍କଡ଼ାକୁ ଭଲ ଭାବେ ଧୋଇ ବନାଇ ଦିଅନ୍ତୁ । ସେଥିରେ ଲୁଣ ଓ ହଳଦି ପକାଇ ଗୋଳାଇ ଦିଅନ୍ତୁ । ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ପାତ୍ରରେ ରଖିଥିବା କଙ୍କଡ଼ାକୁ ଭାଜନ୍ତୁ । ଏହା ଭାଜି ହେଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହାପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ସେଥିରେ ଗୋଲମରିଚ, ଜିରା,

ପାନମଧୁରୀ ପକାଇ ଦିଅନ୍ତୁ । ପରେ ସେଥିରେ କଟା ପିଆଜ ପକାଇ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ପିଆଜ ଭାଜି ହେଲା ପରେ ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଧନିଆ ପାଉଡ଼ର, ଟମାଟୋ ପକାଇ ମସଲାକୁ କଷନ୍ତୁ ।

ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ହଳଦି ପକାଇ ମସଲାକୁ ଭଲ ଭାବରେ କଷନ୍ତୁ । ମସଲା କଷି ହେବା ପରେ ନଡ଼ିଆ ରସକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ । ପରେ ଭାଜି ରଖିଥିବା କଙ୍କଡ଼ାକୁ ସେଥିରେ ପକାଇ ଦେଇ ଗୋଳାଇ ଦିଅନ୍ତୁ । ସେଥିରେ ଅଳ୍ପ ପାଣି ଦେଇ ୩ରୁ୪ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ଣୀ ଢ଼ାଙ୍କି ଦିଅନ୍ତୁ । ପରେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଦିଅନ୍ତୁ । ତା' ଉପରେ ଧନିଆ ପତ୍ର ଓ ଗରମ ମସଲା ପକାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କଙ୍କଡ଼ା ନଡ଼ିଆ ରସା । ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ ।

ପ୍ରୟୋଗର ୨ ସପ୍ତାହ ମଧ୍ୟରେ ଜଣାପଡ଼ିବ ପ୍ରଭାବ: ଏ ସମସ୍ତ ରୋଗକୁ ଦୂର କରିବ ହରିଡ଼ା ଓ ଗୁଡ଼

ଶୀତଦିନେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜେ । ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟାଗୁଡ଼ିକ ଯେତେ ଛୋଟ ଦେଖାଯାଏ, ସେତେ ଅଧିକ ଅସୁବିଧାଜନକ । ଆୟୁର୍ବେଦିକ ପ୍ରତିକାର ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ । ସକାଳୁ ଉଠିବା ମାତ୍ରକେ ଯଦି ଶରୀର ପୀଡ଼ା ହେଉଛି, ଶରୀର ଫୁଲି ଯାଉଛି, ପେଟ କଟା, ହଜମ ସମସ୍ୟା, ପାଇଲ୍ସ ଆଦି ରହିଛି ତ ଏକ ଘରୋଇ ଉପଚାର ଅଛି । ଏସବୁ ସମସ୍ୟାକୁ ଦୂରେଇ ଦେବାର ସୁବିଧା ବାଟ ହେଉଛି ହରିଡ଼ା ଓ ଗୁଡ଼ । ଆପଣ ହରିଡ଼ା ଗୁଣ୍ଡରେ ପରିମାଣ ମୁତାବକ ଗୁଡ଼ ମିଶାଇ ପ୍ରତିଦିନ ସକାଳେ ଓ ସଂଧ୍ୟାରେ ୧ ଚାମଚ୍ ଖାଇଲେ ଆପଣଙ୍କୁ ଉପଶମ ମିଳିବ । ହରିଡ଼ା ଓ ଗୁଡ଼କୁ ସମାନ ଭାବରେ ମିଶାଇ ମିଶ୍ରଣ ପ୍ରସ୍ତୁତ କଲେ ଖୁବ୍ ଭଲ ।

ହେଲେ ଏହାକୁ ଖାଇବାର ୧୫-୨୦ ମିନିଟ୍ ମଧ୍ୟରେ ଅନ୍ୟ କିଛି ଖାଇବେ ନାହିଁ । କୋଷ୍ଠକାଠିନ୍ୟ କିମ୍ବା ଅନ୍ୟ କୌଣସି ପେଟଜନୀତ ସମସ୍ୟା ପାଇଁ ମଧ୍ୟ ଏହା ଫଳପ୍ରଦ । ଏହାକୁ ସକାଳେ ଓ ସଂଧ୍ୟାରେ ଉଷୁମ ପାଣି ସହ ଖାଇଲେ ବେଶି ଫଳପ୍ରଦ ହେବ । ଅତି କମ୍‌ରେ ୧୪ ଦିନ ପ୍ରୟୋଗ ପରେ ଏହାର ପ୍ରଭାବ ଆପଣ ଜାଣିପାରିବେ । ତେବେ ଏହି ୧୪ ଦିନ ବା ୨ ସପ୍ତାହ ଆପଣଙ୍କୁ ଟିକେ ଖାଦ୍ୟପେୟ ଉପରେ ଧ୍ୟାନ ଦେବାକୁ ହେବ । ଭାତ, ମୁଗ ଡାଲି, ଖିଚଡ଼ି, ଉପମା ଆଦି ହାଲୁକା ଖାଦ୍ୟ ଆପଣଙ୍କୁ ଖାଇବାକୁ ପଡ଼ିବ । ତେଲମସଲା ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ ଆପଣଙ୍କ ପାଇଁ । କର୍କଟ, ମଧୁମେହ, ଯକୃତ ସମସ୍ୟା, ସଂକ୍ରମଣ, ହୃଦ୍‌ରୋଗ, ପେଟ ସମସ୍ୟା ଇତ୍ୟାଦି ରୋଗଗୁଡ଼ିକ ମଧ୍ୟ ଏହାର ପ୍ରୟୋଗରେ କମ୍ ହୋଇଯିବ । ମେଦବହୁଳତା ହ୍ରାସ କରିବାରେ ମଧ୍ୟ ଏହା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା

କରାଯାଏ । ଶୀତଦିନେ ଫୁସଫୁସକୁ ସଫା ରଖିବାରେ ଗୁଣ୍ଡ ସାହାଯ୍ୟ କରିଥାଏ । ଏହାକୁ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଭଲ ରହିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ ।

ସାତ ଦଶନ୍ଧି ହେଲା ଲିଭିନି ଚୁଲି : ୨୪ ଘଣ୍ଟା ପରଶୁଛି ଗରମ କ୍ଷୀର

ଆମ ଦେଶରେ ଏପରି ଅନେକ ଦୋକାନ ବା ବ୍ୟାବସାୟିକ ପ୍ରତିଷ୍ଠାନ ରହିଛି ଯାହା ଅନେକ ପିଢ଼ି ଧରି ସଫଳତାର ସ୍ଥାୟୀ ସ୍ତମ୍ଭ ଭାବରେ ଛିଡ଼ା ହୋଇ ରହିଛନ୍ତି ଏବଂ ସମୟ ସୁଅରେ ବାଣିଜ୍ୟର ପରମ୍ପରାକୁ ଆଗେଇ ନେଉଛନ୍ତି । ଏହି କ୍ରମରେ ରାଜସ୍ଥାନର ଯୋଧପୁର ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏକ କ୍ଷୀର ଦୋକାନ ପିଢ଼ି ପରେ ପିଢ଼ି ନିରନ୍ତରତାର ଏକ ଜୀବନ୍ତ ଉଦାହରଣ ଭାବେ ଦଣ୍ଡାୟମାନ । ତାହାର ମାଲିକ ବିପୁଲ ନିକୁବଙ୍କର ଏକ ଉଲ୍ଲେଖନୀୟ ଦାବି ତାଙ୍କ ଦୋକାନକୁ ଅନ୍ୟମାନଙ୍କଠାରୁ ପୃଥକ୍ କରିପାରିଛି । ସହରର ସୋଜତି ଫାଟକ ନିକଟରେ ରହିଥିବା ଏହି ନିଆରା ଦୋକାନରେ କ୍ଷୀର ଗରମ କରିବା ପାଇଁ ଜଳୁଥିବା ଚୁଲିଟି ୧୯୪୯ ମସିହାରୁ ଜମା ଲିଭିନାହିଁ ବୋଲି ବିପୁଳ ଦାବି କରିଛନ୍ତି । ବିପୁଳଙ୍କ କହିବାନୁସାରେ, ଦେଶ ସ୍ୱାଧୀନ ହେବାର ଦୁଇ ବର୍ଷ ପରେ ତାଙ୍କ ଜେଜେବାପା ଏହି ଦୋକାନ ଖୋଲିଥିଲେ । ଏଠାରେ ନିର୍ମିତ ଏକ ଚୁଲାରେ କୋଇଲା ଓ କାଠକୁ ଜାଳେଣି ଭାବେ ବ୍ୟବହାର କରି କ୍ଷୀର ଗରମ କରାଯାଏ । ତେବେ ପ୍ରତିଦିନ ୨୨ରୁ ୨୪ ଘଣ୍ଟା ଖୋଲା ରହୁଥିବା ଏହି କ୍ଷୀର ଦୋକାନର ସେହି ପାରମ୍ପରିକ ଚୁଲିଟି ସେବେଠାରୁ ଆଉ ଲିଭିବାକୁ ଫୁରୁସତ ପାଇ ନାହିଁ । ପାଖାପାଖି ୭୫ ବର୍ଷ ହେଲା ଦୋକାନଟି ସେମିତି ନିରନ୍ତର ଚାଲିଛି ଏବଂ ଗରାଖମାନଙ୍କ ପାଇଁ ଉଷୁମ କ୍ଷୀର ପାଇବାର ଏକ ଭରସାଯୋଗ୍ୟ ସ୍ଥାନ ପାଲଟିଛି । ଏହି ସୁନାମକୁ ତୃତୀୟ ପିଢ଼ିର ବିପୁଳ ବଜାୟ ରଖିଛନ୍ତି ଏବଂ ଦୋକାନର ଏହି ନିରନ୍ତରତା ପାଇଁ ତାହା ସମଗ୍ର ଅଞ୍ଚଳରେ ଖ୍ୟାତ ହେବା ସହ ବେପାରରେ ମଧ୍ୟ ସଫଳତା ହାସଲ କରିଚାଲିଛି ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୬ ଡିସେମ୍ବର ୨୦୨୩, ବୁଧବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଉତ୍ତର ବନାମ ଦକ୍ଷିଣ ...

ଏକ୦-୩ ଜନାଦେଶ ମିଳିଥିଲା ହିନ୍ଦୀ ହୃଦୟସ୍ଥଳୀ ବା ହାର୍ଟଲ୍ୟାଣ୍ଡରେ ୨୦୧୮ରେ; କିନ୍ତୁ ୨୦୧୯ ଲୋକସଭା ନିର୍ବାଚନ ଉପରେ ଏହାର ସେମିତି କିଛି ଉଲ୍ଲେଖନୀୟ ପ୍ରଭାବ ପଡ଼ି ନଥିଲା। ତେଣୁ ସମାନ ଅଞ୍ଚଳରେ ୨୦୨୩ରେ ୩-୦ ଜନାଦେଶ କିଛି ପ୍ରଭାବ ପକାଇବାର ସମ୍ଭାବନା ଦେଖାଉଛି କି ? ବୋଧହୁଏ । କିମ୍ବା ବୋଧହୁଏ ନୁହେଁ । କିନ୍ତୁ ପ୍ରକାଶ ପାଇଥିବା ଚାରିଗୋଟି ରାଜ୍ୟ- ହିନ୍ଦୀ ହାର୍ଟଲ୍ୟାଣ୍ଡର ରାଜସ୍ଥାନ, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଏବଂ ଦକ୍ଷିଣର ତେଲେଙ୍ଗାନାର ନିର୍ବାଚନ ଫଳାଫଳ ଆସନ୍ତା ବର୍ଷର ଜାତୀୟସ୍ତରୀୟ ନିର୍ବାଚନ ପାଇଁ ତିନିଗୋଟି ଉପାୟରେ ପରିପ୍ରେକ୍ଷୀକୁ ସ୍ଥିର କରିଛି। ପ୍ରଥମଟି ହେଉଛି, ଲୋକମାନଙ୍କ ପାଇଁ ଗୁରୁତ୍ୱ ରଖିଥିବା ପ୍ରସଙ୍ଗ ସମୂହ। ଦ୍ୱିତୀୟରେ, ଦୁର୍ବଳତାର ଆପାତତଃ ଅବସ୍ଥା, ଯେଉଁଥିରୁ କଂଗ୍ରେସ ଏହାର ବିରୋଧୀ ଦଳମାନଙ୍କ 'ଇଣ୍ଡିଆ' ମେଣ୍ଟର ଅଂଶୀଦାରମାନଙ୍କ ସହିତ ବୁଝାମଣା କରିବାକୁ ପଡ଼ିବାକୁ ବୁଝାଉଛି । ଏବଂ ତୃତୀୟଟି ହେଉଛି, ଭାରତୀୟ ଜନତା ପାର୍ଟି (ବିଜେପି)ର ସାମର୍ଥ୍ୟ- କେବଳ ସରକାର-ବିରୋଧୀ ହାୱା (ଭୋଟରମାନଙ୍କ ପକ୍ଷର ସମସ୍ୟା)କୁ ଦୂର କରିବାର ନୁହେଁ, ବରଂ ସର୍ବାଧିକ ବିପଜ୍ଜନକ : ଥକି ପଡ଼ିବା (ଏକ ଦଳୀୟ କର୍ମୀମାନଙ୍କ ପକ୍ଷର ସମସ୍ୟା)କୁ ପରାଭୂତ କରିବା। ନିର୍ବାଚନ ଅନୁଷ୍ଠିତ ହୋଇଥିବା ଉପରୋକ୍ତ ଚାରିଗୋଟି ରାଜ୍ୟରେ ପ୍ରସଙ୍ଗଗୁଡ଼ିକର ତାଲିକା ସମାନ ଥିଲା (ଯଦିଓ ପ୍ରସଙ୍ଗଗୁଡ଼ିକର ଗୁରୁତ୍ୱରେ ସାମାନ୍ୟ ଉଣା ଅଧିକ ରହିଥିଲା) : ଜନକଲ୍ୟାଣ, ନେତୃତ୍ୱ, ଦୁର୍ନୀତି ଏବଂ ଜାତି । ମଧ୍ୟପ୍ରଦେଶରେ ଜନକଲ୍ୟାଣମୂଳକ କାର୍ଯ୍ୟଗୁଡ଼ିକ ବିଜେପି ପାଇଁ କାର୍ଯ୍ୟ କରିଥିବା ସ୍ପଷ୍ଟ ଭାବରେ ଜଣା ପଡ଼ିଲା, କିନ୍ତୁ ରାଜସ୍ଥାନରେ କଂଗ୍ରେସ ପାଇଁ ତାହା କାମ କଲାନାହିଁ । ଏହା ସୂଚାଇ ଦେଉଛି ଯେ ସରକାର-ବିରୋଧୀ ହାୱାକୁ ବିଜେପି ଯେତେ ସଫଳତାର ସହିତ ମୁକାବିଲା କରି ପାରିଲା, କଂଗ୍ରେସ ତାହା କରି ପାରିଲା ନାହିଁ । ନିର୍ବାଚନରେ କୌଣସି ମୁଖ୍ୟମନ୍ତ୍ରୀ ମୁଖ ଉପସ୍ଥାପନ ନ କରି ମଧ୍ୟପ୍ରଦେଶରେ ବିଜେପି ଏହା କରି ପାରିଲା, ଯଦିଓ ଏହାକୁ 'ସାମୁହିକ ନେତୃତ୍ୱ'ର ଆଖ୍ୟା ପ୍ରଦାନ କରିଛି । ରାଜସ୍ଥାନରେ ମଧ୍ୟ ଏହା ସମାନ କାମ କରି ପାରିଲା, ଯେଉଁଠି ଏହା କ୍ଷମତାରେ ନଥିଲା। ତେଲେଙ୍ଗାନାରେ କଂଗ୍ରେସ ମୂଳରୁ ହିଁ ବିଆରଏସ୍ ପକ୍ଷରୁ ସବୁ ପ୍ରକାରର ଦୃଢ଼ ମୁକାବିଲାର ସମ୍ମୁଖୀନ ହୋଇ ଆସିଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ଗୋଲାପି ଦଳ ଅଧିକାଂଶ ରାଜନୀତି ସମୀକ୍ଷକ ଏବଂ ନିର୍ବାଚନ ବିଶ୍ଳେଷକଙ୍କ ମନରେ ପ୍ରିୟ ଦଳ ଭାବରେ ରହି ଆସିଥିଲା । ସେମାନେ ସମସ୍ତେ ପ୍ରାୟ ଭାବୁଥିଲେ ଯେ ଏହି ଦଳ ଲଗାତର ତୃତୀୟ ଥର ପାଇଁ ବିଧାନସଭା ନିର୍ବାଚନରେ ବିଜୟ ଲାଭ କରି ପ୍ରଥମ ଦଳ ଭାବରେ ତଥା କେସିଆର୍ ପ୍ରଥମ ନେତା ଭାବରେ ଦକ୍ଷିଣ ଭାରତରେ ଇତିହାସ ସୃଷ୍ଟି କରିବେ । ପରନ୍ତୁ, ଏଇ ଇତିହାସ ସୃଷ୍ଟି, ଯାହା ଦକ୍ଷିଣ ଭାରତୀୟ ରାଜନୀତିର ଇଏସ୍‌ଏସ୍ ନମ୍ବୁଦ୍ରପଦ, କେ କରୁଣାକରନ୍, ଏକେ ଆଣ୍ଟୋନୀ, ଏମ୍ବିଆରକେ କରୁଣାନିଧି, ଜେ ଜୟଲଳିତା, ଏନ୍ ରାମାରାଓ, ଏସ୍ ନିଜଲିଙ୍ଗାପ୍ପା, ଦେବରାଜ ଅସ୍, ବିଏସ୍ ୟେଦ୍ୟୁରପ୍ପା, ଏସ୍‌ଏମ୍ କ୍ରିଷ୍ଣା, ଏନ୍ ଚନ୍ଦ୍ରାବାବୁ ନାଇଡୁ କିମ୍ବା ୱାଇଏସ୍ ରାଜଶେଖର ରେଡ୍ଡୀଙ୍କ ଭଳି କରିତ୍‌କର୍ମୀମାନଙ୍କ ଦ୍ୱାରା ସମ୍ଭବପର ହୋଇ ନଥୁଲା, ତାହା କେସିଆରଙ୍କ ଦ୍ୱାରା ମଧ୍ୟ ହୋଇ ପାରିଲା ନାହିଁ । ଏହା ବାଦ୍ ବଂଶବାଦ ମଧ୍ୟ ଅନ୍ୟ ଏକ ପ୍ରସଙ୍ଗ ହେଲା ଏହି ଦଳ ପାଇଁ । ଅପର ପକ୍ଷରେ, କଂଗ୍ରେସ ଜଣେ ଯୁବ ନେତା ଏ ରେବାନାଥ ରେଡ୍ଡୀଙ୍କ ନେତୃତ୍ୱରେ ପଟ୍ଟ ପରିବର୍ତ୍ତନ କରିବାରେ ସକ୍ଷମ ହେଲା, ଯାହାଙ୍କ ପଛରେ ସମର୍ଥନ ରହିଥିଲା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ା ଯାତ୍ରା ଏବଂ କର୍ଣ୍ଣାଟକର ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ଉଦାହରଣ । ଇତ୍ୟବସରେ ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତିକୁ ଏଡ଼ାଇ ଏବଂ ଅଧିକାଂଶ ଏକ୍‌ଜିଟ୍ ପୋଲ୍‌ର ଫଳାଫଳକୁ ଭୁଲ୍ ସାବ୍ୟସ୍ତ କରି ତଥା କଂଗ୍ରେସ ଏବଂ ଏହାର ଇଣ୍ଡିଆ ମେଣ୍ଟର ଅଂଶୀଦାରମାନଙ୍କ କଳ୍ପନା ଜଳ୍ପନାରେ ପାଣି ପକାଇ ଏକାକୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି ହିନ୍ଦୀ ହାର୍ଟଲ୍ୟାଣ୍ଡରେ ବିଜୟ ଲାଭ କଲା। କଂଗ୍ରେସ ଛତିଶଗଡ଼ରେ ଶାସନ କ୍ଷମତାକୁ ହାତରେ ରଖି ପାରିବ ଏବଂ ମଧ୍ୟପ୍ରଦେଶରେ ବିଜେପିକୁ ପରାସ୍ତ କରି ପାରିବ ବୋଲି ଆଶା କରୁଥିଲା। କିନ୍ତୁ ଶ୍ରୀଯୁକ୍ତ ମୋଦୀଙ୍କ ନେତୃତ୍ୱରେ ପ୍ରଚାର ଅଭିଯାନ ଭୋଟରମାନଙ୍କ ମନକୁ କିଣିବାରେ ସକ୍ଷମ ହୋଇଥିଲା। ତେବେ ରାଜସ୍ଥାନ ତା'ର ଚିରାଚରିତ ଧାରାକୁ ବଜାୟ ରଖିବାକୁ ଯାଇ ଶାସନ କ୍ଷମତାରେ ଥିବା ସରକାରଙ୍କୁ ହଟାଇଲା। ବିଜେପିର ଉପରୋକ୍ତ ତିନିଗୋଟି ରାଜ୍ୟରେ ବିଜୟ ଏବଂ ଦକ୍ଷିଣରେ କଂଗ୍ରେସର ବିଜୟ ସ୍ପଷ୍ଟ କରି ଦେଇଛି ଭାରତୀୟ ରାଜନୀତିର ଉତ୍ତର-ଦକ୍ଷିଣ ବିଭାଜନକୁ, ଯେଉଁଥରେ ଦେଶର ଦକ୍ଷିଣ ଭାଗରେ ଅବସ୍ଥିତ ରାଜ୍ୟଗୁଡ଼ିକର ସୀମିତ ଅଞ୍ଚଳରେ ବିଜେପି ସୀମାବଦ୍ଧ ହୋଇ ରହିଥିବା ବେଳେ ଦେଶର ଅନ୍ୟାନ୍ୟ ଅଂଶଗୁଡ଼ିକରେ ଏହା ଏକ ଶକ୍ତି ଭାବରେ ଉଭା ହୋଇଛି। ମୋଟାମୋଟି ଯେଉଁମାନେ ଆଶା କରୁଥିଲେ ଯେ କଂଗ୍ରେସ ଏକ ବଳିଷ୍ଠ ଶକ୍ତି ଭାବରେ ଉଭା ହେବ ଏବଂ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ମୋଦୀଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିବ, ସେମାନଙ୍କର ସେହି ଆଶା ମଉଳି ଯାଇଛି, କାରଣ ଏଇ ନିର୍ବାଚନ ଦର୍ଶାଇଛି ଯେ ମୋଦୀ ହେଉଛନ୍ତି ଭାରତରେ ସର୍ବବୃହତ୍ ରାଜନୀତିକ ଶକ୍ତି । ତାଙ୍କୁ ନେଇ କୌଣସି ପ୍ରଶ୍ନ କ୍ୱଚିତ୍ ଉଠାଯାଇ ପାରିବ !

ପ୍ରଦୂଷିତ ବାୟୁ- ସ୍ୱଭାବିକ ଜୀବନ ପାଇଁ ଆହ୍ୱନ

ବୈଷ୍ଣବ ମେହେର

ମଣିଷ ସମେତ ସମଗ୍ର ଜୀବଜଗତ ପାଇଁ ବାୟୁ ପ୍ରଦୂଷଣ ଏକ ସାଂଘାତିକ ସମସ୍ୟା ଭାବରେ ଉଭା ହୋଇଛି । ଆମ ଦେଶର ବଡ଼ ବଡ଼ ସହରରେ ବାୟୁ ପ୍ରଦୂଷଣ ମାତ୍ରା ଏତେ ବଢ଼ିବାରେ ଲାଗିଛି ଯେ, ସେଠାକାର ଜୀବନଯାତ୍ରା ବହୁଳ ଭାବରେ ପ୍ରଭାବିତ ହେବାକୁ ବସିଛି । ନିକଟରେ ଦିଲ୍ଲୀ ଓ ମୁମ୍ବାଇ ନଗରୀ ଅଂଚଳର ୪୦୦ ଲୋକଙ୍କ ଉପରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ପ୍ରିଷ୍ଟିନ କେୟାର ଦ୍ୱାରା କରାଯାଇଥିବା ସର୍ଭେ ରିପୋର୍ଟ ଅନୁଯାୟୀ ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ ଜଣ ପ୍ରଦୂଷିତ ବାୟୁର ପ୍ରଭାବ ଦ୍ୱାରା ଦେଖାଯାଉଥିବା ଲକ୍ଷଣ ଗୁଡ଼ିକୁ ଅନୁଭବ କରୁଥିବା ଜଣାପଡ଼ିଛି । ପୀଡ଼ିତ ବ୍ୟକ୍ତିମାନେ ଲଗାତାର କାଶ, ଶ୍ୱାସକ୍ରିୟାରେ ସମସ୍ୟା, ମୁଣ୍ଡ ବୁଲାଇବା, ଗଳା ଯଂତ୍ରଣା, ଆଖିଖରାପ ଭଳି ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା କହିଛନ୍ତି । ଉଦବେଗର ବିଷୟ ଯେ, ବାୟୁ ପ୍ରଦୂଷଣରେ ଅବନତି କାରଣରୁ ଭାରତର ଏହି ଦୁଇ ପ୍ରମୁଖ ନଗରୀର ପ୍ରାୟ ୬୦ ପ୍ରତିଶତ ବାସିନ୍ଦା ଅନ୍ୟତ୍ର ସ୍ଥାନାନ୍ତରଣ ହେବାକୁ ଚିନ୍ତା କରୁଥିବା ସର୍ଭେ ରିପୋର୍ଟରେ ଦର୍ଶାଯାଇଛି । ଏଥିରୁ ଅନୁମାନ କରାଯାଇପାରେ ଯେ, ବାୟୁ ପ୍ରଦୂଷଣର ମାତ୍ରା ଓ ତତଜନିତ ପ୍ରଭାବ ଲୋକଙ୍କୁ କେତେ ମାତ୍ରାରେ ବିଚଳିତ କରିସାରିଲାଣି । ଆମ ରାଜ୍ୟରେ ମଧ୍ୟ ବାୟୁ ପ୍ରଦୂଷଣ ମାତ୍ରା ଧୀରେଧୀରେ ନିମ୍ନଗାମୀ ହେଲାଣି । କୋର୍ଟର କଟକଣା ସତ୍ତ୍ୱେ ଦୀପାବଳିରେ ଆମ ଅମାନିଆଙ୍କ ବାଣଫୁଟାରେ ରାଜଧାନୀ ଭୁବନେଶ୍ୱର ସମେତ କଟକ, ଅନୁଗୁଳ, ବାରିପଦା, ରାଉରକେଲା, ତାଳଚେର, ସମ୍ବଲପୁର, କେନ୍ଦୁଝର, ବାଲେଶ୍ୱର ଜିଲ୍ଲାରେ ବାୟୁ ପ୍ରଦୁଷଣ ବଢ଼ି ଅଶନିଶ୍ୱାସୀ ସ୍ଥିତି ଆଣି ଦେଇଥିଲା । ବାୟୁ ପ୍ରଦୂଷଣ ମାତ୍ରା ବଢ଼ିବା ଅନେକ ସାଂଘାତିକ ରୋଗର କାରଣ ହେଉଛି । ବିଶେଷ କରି କ୍ୟାନସର, ହୃଦରୋଗ ଓ ନିଶ୍ୱାସପ୍ରଶ୍ୱାସ ଜନିତ ରୋଗରେ ପିଡ଼ିତ ହୋଇ ଅବେଳରେ ମୃତ୍ୟୁମୁଖରେ ପଡ଼ିବା ହିଁ ସାର ହେଉଛି । ସମ୍ବେଦନଶୀଳ ପ୍ରସଙ୍ଗ ଯେ, ବାୟୁ ପ୍ରଦୂଷଣ କାରଣରୁ ଛୋଟ ପିଲାଙ୍କ ମସ୍ତିଷ୍କର ବିକାଶ ଠିକ ଭାବରେ ହୋଇ ପାରୁ ନଥିବା ବେଳେ ମଣିଷର ପ୍ରଜନନ ସ୍ୱାସ୍ଥ୍ୟକୁ ମଧ୍ୟ ଏହା ପ୍ରଭାବିତ କରୁଥିବା ବିଶେଷଜ୍ଞ କହନ୍ତି । ଉଦବେଗର ବିଷୟ ଯେ, ପ୍ରଦୂଷିତ ବାୟୁ ଯୋଗୁଁ ମହାମାରୀ କୋଭିଡ଼ ଟିକାର ପ୍ରଭାବ ହ୍ରାସ ପାଉଥିବା ଭଳି ଚିନ୍ତାଜନକ ତଥ୍ୟ ଏକ ଗବେଷଣାରୁ ସାମନାକୁ ଆସିଛି । ଜର୍ଣ୍ଣାଲ୍ ଅଫ୍ ହେଲଥ୍ ପରସସ୍ପେକ୍ଟିଭରେ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ କୋଭିଡ଼ ଟିକାରେ ଆଣ୍ଟିବଡ଼ି ପ୍ରସ୍ତୁତ କରୁଥିବା ପ୍ରକ୍ରିୟାକୁ ବାୟୁ ପ୍ରଦୂଷଣ ପ୍ରଭାବିତ କରୁଥିବା ସ୍ପଷ୍ଟ ହୋଇଛି । ପିଏମ ୨.୫ ସହ ନାଇଟ୍ରୋଜେନ୍ ଡାଇ ଅକ୍ସସାଇଡ଼ ଏବଂ ଅଙ୍ଗାରକାମ୍ଳ ଯୋଗୁଁ ଆଣ୍ଟିବଡ଼ି ତିଆରି ହେବାରେ ପ୍ରାୟ ୧୦ ପ୍ରତିଶତ ହ୍ରାସ ପାଉଥିବା ଜଣାପଡ଼ିଛି । ଫଳରେ ମଣିଷର ସ୍ୱାସ୍ଥ୍ୟ ଉପରେ ବାୟୁ ପ୍ରଦୂଷଣର ବହୁ ନକରାତ୍ମକ ପ୍ରଭାବ ପଡୁଥିବା ମଧ୍ୟ ଏହି ଜର୍ଣ୍ଣାଲରେ ଉଲ୍ଲେଖ କରାଯାଇଛି । ପ୍ରଦୂଷିତ ବାୟୁ କାରଣରୁ ବିଶ୍ୱରେ ବର୍ଷକୁ ପାଖାପାଖି ୭୦ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଥିବା ବେଳେ ଗତ ୨୦୧୯ ମସିହାରେ କେବଳ ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ୧୬.୭ ଲକ୍ଷ ଲୋକଙ୍କ ଜୀବନ ଯାଇଛି । ଏଥିରୁ ଅନୁମେୟ ଯେ, ପ୍ରଦୂଷିତ ବାୟୁର ପ୍ରଭାବ କେତେ ସାଂଘାତିକ ରୂପ ଧାରଣ କରିସାରିଛି । ବିଶେଷଜ୍ଞଙ୍କ ମତ ଅନୁସାରେ ସାଧାରଣ ଭାବେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୦ କିମ୍ବା ତା'ଠାରୁ ତଳକୁ ରହିଲେ ଏହା ଉତ୍ତମ ବାୟୁ ବୋଲି ଧରାଯାଏ । ଅପରପକ୍ଷେ ସୂଚକାଙ୍କ ୫୦ ରୁ ୧୦୦ ମଧ୍ୟରେ ରହିଲେ ସନ୍ତୋଷଜନକ, ୧୦୧ ରୁ ୨୦୦ ମଧ୍ୟରେ ମଧ୍ୟମ, ୨୦୧ ରୁ ୩୦୦ ଭିତରେ ସାଂଘାତିକ ଓ ୩୦୧ ରୁ ୪୦୦ ମଧ୍ୟରେ ରହିଲେ ଅତିସାଂଘାତିକ ବାୟୁ ପ୍ରଦୂଷଣ ବୋଲି କୁହାଯାଏ ।

ମଣିଷ ଚାହିଁଲେ ବାୟୁ ପ୍ରଦୂଷଣକୁ ଅନେକାଂଶରେ ନିୟନ୍ତ୍ରଣ କରିପାରିବ । ଅତିତରେ ଆମ ଦେଶରେ ଚୂଳିରେ କାଠ ଜାଳି ପାରମ୍ପରିକ ପଦ୍ଧତିରେ ରୋଷେଇ କରାଯାଉଥିଲା । ଫଳରେ ଲକ୍ଷଲକ୍ଷ ପରିବାରରୁ ପ୍ରତ୍ୟହ ଧୂଆଁ ବାହାରି ବାୟୁମଣ୍ଡଳକୁ ପ୍ରଦୂଷିତ କରୁଥିଲା । ଏବେ ଏହି ରୋଷେଇ ପଦ୍ଧତିରେ ବ୍ୟାପକ ପରିବର୍ତ୍ତନ ଘଟି ଧୂଆଁମୁକ୍ତ ରୋଷେଇ ପ୍ରକ୍ରିୟାକୁ ଆପଣା ଯାଇସାରିଛି । ଏଭଳି ଉପଯୋଗୀ ବିକଳ୍ପ ପଦ୍ଧତି ପାରମ୍ପରିକ ଶବଦାହ, ଯାନବାହନ ଚଳାଚଳ, ଶିଳ୍ପାୟନ ଆଦି କ୍ଷେତ୍ରରେ ମଧ୍ୟ ଆପଣା ଯିବାର ଆବଶ୍ୟକତା ରହିଛି । ମାତ୍ରାଧିକ ଜୀବାଶ୍ମ ତୈଳ ଯଥା ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, କୋଇଲାର ବ୍ୟବହାରରେ ନିୟନ୍ତ୍ରଣ ରଖାଯିବା ଯେତିକି ଜରୁରି ଅକ୍ଷୟ ଶକ୍ତିର ବହୁଳ ଉପଯୋଗ ହେବା ମଧ୍ୟ ସେତିକି ଦରକାରି । ଜଙ୍ଗଲ କ୍ଷୟ ସଂପୂର୍ଣ୍ଣ ବନ୍ଦ କରିବା ସହ ବ୍ୟାପକ ସବୁଜ ପରିବେଶ ତିଆରି କରିବା ବାୟୁ ପ୍ରଦୂଷଣ ନିରାକରଣର ସର୍ବକୃଷ୍ଟ ମହୋଷଧି, ଏକଥାକୁ ସମସ୍ତେ ହେଜିବା ଦରକାର । ସୁନ୍ଦର ଜୀବନ ପାଇଁ ସ୍ୱଚ୍ଛ ଜଳ ଭଳି ନିର୍ମଳ ବାୟୁ ମଧ୍ୟ ଅତ୍ୟନ୍ତ ଜରୁରି ହୋଇଥାଏ । ତେଣୁ ବାୟୁ ପ୍ରଦୂଷଣ ସ୍ଥିତି ଆଗକୁ ଯେମିତି ଅଧିକ ଉଗ୍ର ନହୁଏ ସେଥିପ୍ରତି ବର୍ତ୍ତମାନ ଠାରୁ ଏହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରିବାକୁ ହେବ । ନଚେତ ଭବିଷ୍ୟତର ସାଂଘାତିକ ସ୍ଥିତିକୁ ଏଡ଼ାଇବା ନିଶ୍ଚିତ କଷ୍ଟକର ହେବ ।

ଶିକ୍ଷକ

ସିନାପାଲି, ନୂଆପଡ଼ା

ମୋ: ୯୭୭୭୭୫୩୯୩୫

ସହାସ୍ୟ ଜୀବନ

ଇଂ.ସଚ୍ଚିଦାନନ୍ଦ ନନ୍ଦ

ସହାସ୍ୟ ବଦନ ଓ ସରସ ଜୀବନ ଏକ ମାନସିକତା। ଜଣେ ଇଚ୍ଛା କଲେ, ମନ କଲେ, ଯେ କୌଣସି ପରିସ୍ଥିତିରେ ବି ଖୁସି ରହି ପାରିବ। ପ୍ରତିକୂଳ ପରିସ୍ଥିତିରେ ବି ତାହାର ସ୍ୱଭାବ ଛାଡ଼ିବ ନାହିଁ। ଦୁଃଖ କଲେ କ'ଣ ହୋଇଯିବ, କିଏ ଆଣି ଦେଇଯିବ, ଲୋକେ ସହାନୁଭୂତିମୂଳକ କଥା କହିବେ ସିନା ଦୁଃଖର ଦୁଃଖ କେତେ ପରିମାଣରେ ଲାଘବ ହେବ ? ହେବ କେବଳ ନିଜ ମାନସିକତା ଦ୍ୱାରା। ରାଜସିକ ଭାବ ସମ୍ପନ୍ନ ବ୍ୟକ୍ତି କହିବେ, 'ନେହିଁ ଛୋଡେଙ୍ଗେ, ପା'କର ହିଁ ରହେଙ୍ଗେ' ସେଥିପାଇଁ ଦୌଡ଼ିବେ, ନିଦ ହଜାଇ ଦେବେ, ପଇସା ଉଡାଇ ଦେବେ, ନେତାଙ୍କୁ ଧରାଧରି କରିବେ ତଥାପି ଯଦି ସଫଳ ନହୁଅନ୍ତି ତେବେ ମିତ୍ରଙ୍କୁ ଶତ୍ରୁ ଭାବିବେ।

ବିରସ ବଦନ ରହିବା ବା ଦେଖିବାକୁ କେହି ପ୍ରାୟ ଭଲ ପାଆନ୍ତି ନାହିଁ। ମାତୃଗର୍ଭରୁ ଯିଏ ଯେତିକି ସୁନ୍ଦର ହୋଇ ଜନ୍ମ ହୋଇଛି ତା' ସୌନ୍ଦର୍ଯ୍ୟ କିଛି ମାତ୍ରାରେ ବଢ଼ି ଯାଏ ସହାସ୍ୟ ଜୀବନ ଯାପନ କଲେ। ନିଜ ଦର୍ପଣ ନିଜ ଚେହେରାକୁ ପ୍ରଶଂସାପତ୍ର ଦେବା ସଙ୍ଗେ ସଙ୍ଗେ ସାଥି, ବନ୍ଧୁବାନ୍ଧବମାନେ ମଧ୍ୟ ବିନା କାରଣରେ ଖୁସି ହୁଅନ୍ତି ଗୋଟିଏ ସରସ ବଦନ ବ୍ୟକ୍ତିଙ୍କୁ ଦେଖିଲେ। ପ୍ରକୃତରେ ମଣିଷ ଖୁସି ରହିବା ହିଁ ତା ସହଜାତ ଧର୍ମ। ଛୋଟ ପିଲା ହୋଇ ସମସ୍ତେ ଜନ୍ମ ଲାଭ କରିଥାନ୍ତି ଏବଂ ସେହି ଦିନଠାରୁ ସେ ଖୁସିରେ ହିଁ ତା'ର ଦିନ ଅତିବାହିତ କରେ। ଯଦି ସେ କାନ୍ଦେ, ଯାହା ତା'ପାଇଁ ସ୍ୱାଭାବିକ ନୁହେଁ, ସମସ୍ତେ ବ୍ୟସ୍ତ ହୋଇ ଖୋଜି ବସନ୍ତି ତାହାର କାରଣ। ପିଲାକୁ ଭୋକ ହେଲାଣି, ବା ପରିସ୍ରା କରି ଦେଇଥିବ ବା ଶଯ୍ୟାରେ କିଛି ବାହ୍ୟ ପଦାର୍ଥ ତା ଦେହକୁ କଷ୍ଟ ଦେଉଥିବ ଇତ୍ୟାଦି ଇଦ୍ୟାଦି। କହିବାର ତାତ୍ପର୍ଯ୍ୟ ହେଉଛି କିଛି ଗୋଟିଏ ଅସ୍ୱାଭାବିକ ପରିସ୍ଥିତି ନ ପଡ଼ିଲେ ପିଲା ତା ସ୍ୱଭାବବଶତଃ ଖୁସିରେ ଦୋଳାରେ ଖେଳିବା କଥା। କିଛି ଗୋଟିଏ ଅଘଟଣ ନ ଘଟିଲେ କାହିଁକି ବା କାନ୍ଦନ୍ତା ? ସେଇ ପିଲା ବଡ଼ ହୋଇ ଆମ୍ଭମାନଙ୍କ ପରି ହୋଇଛି। ଆମର ମଧ୍ୟ ସ୍ୱଭାବ ହେଉଛି ଖୁସିରେ ରହିବା। ଦୁଃଖିତ ହେବା ପଛରେ କିଛି ଗୋଟିଏ ଅସ୍ୱାଭାବିକ ଘଟଣା ଥିବ ନିଶ୍ଚିତ।

ମହାପୁରୁଷମାନେ, ଈଶ୍ୱରକୋଟୀ ପୁରୁଷମାନେ ଓ ଆଧ୍ୟାତ୍ମିକ ଗବେଷକମାନେ ତାଙ୍କ ଅଭିଜ୍ଞତା ଓ ଦୀର୍ଘ ଅନୁଭୂତିରୁ କହନ୍ତି, ବିରସ ଜୀବନର ପ୍ରମୁଖ କାରଣ ହେଉଛି, ଅତୃପ୍ତ କାମନା ବାସନା। ଆମ୍ଭେମାନେ ମଧ୍ୟ ସଂସାରରେ ଯେତିକି ବର୍ଷ ବିତାଇଲେଣି ନିରପେକ୍ଷ ଭାବେ ଦେଖିଲେ ଏଥିରେ ଏକମତ ହେବା। ଆମ୍ଭେମାନେ କାମନାବାସନା ଶୂନ୍ୟ ହୋଇପାରିବା ନାହିଁ। ଏହା ମଧ୍ୟ ଆମକୁ ଭଲ ଭାବେ ଜଣା ଯେ ଆମର ସମସ୍ତ କାମନା ବାସନା ପୂରଣ ହୋଇପାରିବ ନାହିଁ। ଆମେ ଚାହୁଁଥିବା ଅବଧି ଭିତରେ ପୂରଣ ହୋଇପାରିବ ନାହିଁ, ଆମ ଧନବଳ, ଜନବଳ, ବାହୁବଳ ବା ସାମାଜିକ ବଳ ଦ୍ୱାରା ପୂରଣ ହୋଇପାରିବ ନାହିଁ। ତେଣୁ ଯେତିକି ପୂରଣ ହେଲା ସେତିକିରେ ସନ୍ତୁଷ୍ଟ ହୋଇ ରହିବା ବା କାମନା ବାସନାର ସଂଖ୍ୟା କମାଇ ଦେବା ବିଜ୍ଞତାର ପରିଚୟ ହେବ। ଅପୂର୍ଣ୍ଣତାକୁ ନେଇ ଖୁସି ହେବା ପରିବର୍ତ୍ତେ ଯାହା ପାଇନେ ତାକୁ ଧରି ବସି ଦୁଃଖ କରିବା କେଉଁ ବିଜ୍ଞତାର ପରିଚୟ ?

ସହାସ୍ୟ ବଦନ ଓ ସରସ ଜୀବନ ଏକ ମାନସିକତା। ଜଣେ ଇଚ୍ଛା କଲେ, ମନ କଲେ, ଯେ କୌଣସି ପରିସ୍ଥିତିରେ ବି ଖୁସି ରହି ପାରିବ। ପ୍ରତିକୂଳ ପରିସ୍ଥିତିରେ ବି ତାହାର ସ୍ୱଭାବ ଛାଡ଼ିବ ନାହିଁ। ଦୁଃଖ କଲେ କ'ଣ ହୋଇଯିବ, କିଏ ଆଣି ଦେଇଯିବ, ଲୋକେ ସହାନୁଭୂତିମୂଳକ କଥା କହିବେ ସିନା ଦୁଃଖର ଦୁଃଖ କେତେ ପରିମାଣରେ ଲାଘବ ହେବ ? ହେବ କେବଳ ନିଜ ମାନସିକତା ଦ୍ୱାରା। ରାଜସିକ ଭାବ ସମ୍ପନ୍ନ ବ୍ୟକ୍ତି କହିବେ, 'ନେହିଁ ଛୋଡେଙ୍ଗେ, ପା'କର ହିଁ ରହେଙ୍ଗେ' ସେଥିପାଇଁ ଦୌଡ଼ିବେ, ନିଦ ହଜାଇ ଦେବେ, ପଇସା ଉଡାଇ ଦେବେ, ନେତାଙ୍କୁ ଧରାଧରି କରିବେ ତଥାପି ଯଦି ସଫଳ ନହୁଅନ୍ତି ତେବେ ମିତ୍ରଙ୍କୁ ଶତ୍ରୁ ଭାବିବେ। ଆମ ବିଫଳତାର କାରଣ ଯିଏ ବୋଲି ସେ ଭାବିବେ ତା ଉପରେ ରକ୍ତ ଚାଉଳ ଚୋବାଇବେ। ପରିଣତି ଖରାପରୁ ଅଧିକ ଖରାପ ଆଡ଼କୁ ଯିବ ସିନା, ଭଲଦିନ ଆସିବା ସୁଦୂର ପରାହତ ହୋଇଯିବ। ଯଦି ବି ଭଲଦିନ ଅର୍ଥାତ୍ ଆମ କାମନା ବାସନା ଚରିତାର୍ଥ ହୋଇଯିବ ତାହା ଭୋଗ କରିବାକୁ ଆମ ମନ, ଇନ୍ଦ୍ରିୟ ଓ ଦେହର ଅବସ୍ଥା ଆଉ ଉପଯୁକ୍ତ ହ

ଭାରତର ସର୍ବ-ପୁରାତନ ଗୀର୍ଜା

ଭାରତବର୍ଷର ପ୍ରାଚୀନତମ ଗିର୍ଜା ରହିଛି କେରଳର ତ୍ରିଶୂର ଜିଲ୍ଲା ଅନ୍ତର୍ଗତ ପାଲାୟୁରରେ- 'ସେଣ୍ଟ୍ ଟମାସ୍ ସାଇରୋ-ମାଲାବାର କାଥଲିକ୍ ଚର୍ଚ୍ଚ'। ପ୍ରଭୁ ଜିଜସ୍‌ଙ୍କ ଦ୍ୱାଦଶ ଶିଷ୍ୟଙ୍କ ମଧ୍ୟରେ ଅନ୍ୟତମ ସେଣ୍ଟ୍ ଟମାସ୍ ୫୨ ଖ୍ରୀଷ୍ଟାବ୍ଦରେ ସେଇଟି ତିଆରି କରାଇଥିଲେ। ତାଙ୍କ ଦ୍ୱାରା ଭାରତରେ ନିର୍ମିତ ସାତଟି ଚର୍ଚ୍ଚ ମଧ୍ୟରେ ପାଲାୟୁର ଗିର୍ଜା ସବୁଠାରୁ ପୁରୁଣା। ସେଣ୍ଟ୍ ଟମାସ୍ ଭାରତରେ ମୋଟ ସତର ବର୍ଷ ରହିଥିଲେ; ଚାରି ବର୍ଷ ସିନ୍ଧ (ବର୍ତ୍ତମାନ ପାକିସ୍ତାନରେ)ରେ, ଛଅ ବର୍ଷ ପାଲାୟୁରରେ ଓ ସାତ ବର୍ଷ ତମିଳ ନାଡୁର ମାଇଲାପୁରମରେ। ତାଙ୍କର ଭାରତ ଆଗମନକୁ ବିଶେଷ ଗୁରୁତ୍ୱ ଦିଆଯାଏ। କାରଣ ତାଙ୍କ ଦ୍ୱାରା ହିଁ ଭାରତରେ କିରସ୍ତାନ ଧର୍ମ ପ୍ରଚଳନ-ପ୍ରସାରିତ ହୋଇଥିଲା। ଧର୍ମନିରପେକ୍ଷ ଭାରତ ସରକାର ତାଙ୍କ ଆଗମନକୁ ସ୍ମରଣୀୟ କରିବା ପାଇଁ ୧୯୬୪ ଓ ୧୯୭୩ରେ ଦୁଇଟି ଡାକ ଟିକଟ୍ ପ୍ରଚଳନ କରିଥିଲେ। ସେଂଟ ଟମାସ୍‌ଙ୍କ ଆଗମନ ସମୟରେ ପାଲାୟୁର ବ୍ରାହ୍ମଣ ଓ ଇହୁଦିଙ୍କ ବାସସ୍ଥାନ ଥିଲା। ଏବେ ଯେଉଁଠି ପାଲାୟୁର ଗିର୍ଜା ରହିଛି, ସେଠାରେ ଏକ ହିନ୍ଦୁ ମନ୍ଦିର ଓ ଏକ ଇହୁଦି ଧର୍ମପୀଠର ଧ୍ୱଂସାବିଶେଷ ଥିଲା। ଏକ କିଂବଦନ୍ତିଅନୁଯାୟୀ ସେଠାରେ ସେଣ୍ଟ୍ ଟମାସ୍ ପହଂଚି ଦେଖିଲେ, ଦଳେ ବ୍ରାହ୍ମଣ ସୂର୍ଯ୍ୟପୂଜା କରୁଛନ୍ତି। ସେ କହିଲେ, 'ଆପଣମାନେ ଉପରକୁ ଛାଟୁଥିବା ଜଳ ଭଗବାନ୍ ଗ୍ରହଣ କରୁ ନ ଥିବାରୁ ଭୂଇଁରେ ପଡୁଛି। ମୋ ଧର୍ମ ଗ୍ରହଣ କଲେ, ଭଗବାନ୍ ଜଳ ଗ୍ରହଣ କରିବେ ଓ ତାହା ଭୂଇଁରେ ପଡିବ ନାହିଁ।' ବ୍ରାହ୍ମଣମାନେ ତାଙ୍କ କଥା ମାନିବାରୁ ସେ ଚମତ୍କାର ଦେଖାଇଲେ। ତାଙ୍କ ଦ୍ୱାରା ଉପରକୁ ଛଟାଯାଇଥିବା ଜଳ ଶୂନ୍ୟରେ ଝୁଲି ରହିଲା। ପାଲାୟୁରେ ବ୍ରାହ୍ମଣ ମାନଙ୍କ ମଧ୍ୟରୁ କିଛି ସେ ଦୃଶ୍ୟ ଦେଖି ଚକିତ ହେଲେ ଏବଂ କିରସ୍ତାନ ଧର୍ମ ଗ୍ରହଣ କଲେ। ସେଠାରେ ଗିର୍ଜା ସ୍ଥାପିତ ହେଲା। ଅବଶିଷ୍ଟ ବ୍ରାହ୍ମଣ ସ୍ଥାନଟିକୁ ଶାପଗ୍ରସ୍ତ କହି ଚିରଦିନ ପାଇଁ ନିଜର ବାସସ୍ଥାନ ତ୍ୟାଗ କରି ଓ୍ୱେମ୍ବନାଡ଼ ଚାଲିଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କେରଳର ନମ୍ବୁଦ୍ରୀ ବ୍ରାହ୍ମଣ ମାନେ ଆଜି ମଧ୍ୟ ପାଲାୟୁର ଗୀର୍ଜା ନିକଟରେ ଜଳ ଏପରିକି ସେଠାକାର ଗଛର ପଇଡ ପାଣି ମଧ୍ୟ ପାନ କରନ୍ତି ନାହିଁ।

ଶିଶୁର ଉଜ୍ଜ୍ୱଳ ତ୍ୱଚା

ପ୍ରତ୍ୟେକ ମହିଳାଙ୍କ ଜୀବନରେ ମା' ହେବା ଏକ ସ୍ମରଣୀୟ ମୁହୂର୍ତ୍ତ। ମାତୃତ୍ୱ ହିଁ ନାରୀ ଜୀବନର ସମ୍ପୂର୍ଣ୍ଣତା ଆଣିଦିଏ। ଅଧିକାଂଶ ମା' ଚାହାନ୍ତି ସେମାନଙ୍କ ଶିଶୁର ରଙ୍ଗ ସଫା ଏବଂ ତା'ର ତ୍ୱଚା ଉଜ୍ଜ୍ୱଳ ହେଉ। ତେବେ ଶିଶୁର ରଙ୍ଗ କିପରି ଉଜ୍ଜ୍ୱଳ ହେବ ତାହା ଅଧିକାଂଶ ମା' ଜାଣନ୍ତିନି। ଏନେଇ କିଛି ଟିପ୍ସ....

■ ଶିଶୁର ତ୍ୱଚାକୁ ଅଧିକ ସଫା କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ହେଉଛି ହଟ୍ ଅଏଲ ମସାଜ୍। ଏହା ଏକ ପୁରୁଣା ପଦ୍ଧତି ଏବଂ ଅନେକ ପିଢ଼ି ହେବ ଚାଲି ଆସିଛି। ପ୍ରତିଦିନ ଶିଶୁର ତ୍ୱଚାକୁ ଉଷୁମ ତେଲର ମସାଜ୍ କରିବା ଉଚିତ୍।

■ ଶିଶୁର ତ୍ୱଚା ଅନ୍ୟମାନଙ୍କ ତୁଳନାରେ ୧୦ଗୁଣ ଅଧିକ ସମ୍ବେଦନଶୀଳ ତେଣୁ ସେମାନଙ୍କ କ୍ଷେତ୍ରରେ କିଛି ବଡ଼ି ପ୍ୟାକ ଆପ୍ଲାଏ କରିପାରିବେ ଯାହା ପ୍ରକୃତରେ ନ୍ୟାଚୁରାଲ ହୋଇଥିବ। ସପ୍ତାହରେ ଥରେ ଆପଣଙ୍କ ଶିଶୁର ଶରୀରରେ ବଡ଼ିପ୍ୟାକ ଆପ୍ଲାଏ କରନ୍ତୁ। ବଡ଼ି ପ୍ୟାକ କିଣିବା ପରିବର୍ତ୍ତେ ଆପଣ ହଳଦୀ, ଦୁଗ୍ଧ ଏବଂ ଚନ୍ଦନ ଗୁଣ୍ଡ ମିଶାଇ ପ୍ୟାକ୍ ପ୍ରସ୍ତୁତ କରିପାରିବେ। ଏହି ପ୍ୟାକ ତ୍ୱଚାରେ ଭଲଭାବେ ମାରନ୍ତୁ ଏବଂ ଅଳ୍ପ ଦିନରେ ଶିଶୁ ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରାନ୍ତୁ।

■ ସ୍କ୍ରବ୍ ଶବ୍ଦକୁ ନେଇ ଆଦୌ କନଫ୍ୟୁଜ ହୁଅନ୍ତୁନି। ଏହା କୌଣସି ଅର୍ଡ଼ିନାରୀ ସ୍କ୍ରବ ନୁହେଁ ଯାହା ଆପଣ ସବୁ ସ୍ଥାନରେ ପାଇପାରିବେ। ଏହାକୁ ଆପଣ ବେସନ, ଦୁଗ୍ଧ, ଗୋଲାପ ଜଳ ଏବଂ ହଳଦୀ ମିଶାଇ ପ୍ରସ୍ତୁତ କରିପାରିବେ। ଏହି ସ୍କ୍ରବ୍ ସ୍ମୁଥ୍ ଏବଂ ଶିଶୁର ତ୍ୱଚାରେ କୌଣସି କ୍ଷତି ନପହଞ୍ଚାଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ।

■ ଶିଶୁର ତ୍ୱଚାକୁ ଆଦୌ ଶୁଷ୍କ ହେବାକୁ ଦିଅନ୍ତୁନି। ମାର୍କେଟରେ ଉପଲବ୍ଧ ହେଉଥିବା ବେବି ମଏଶ୍ଚରାଇଜିଙ୍ଗ କ୍ରିମ ଆପ୍ଲାଏ କରନ୍ତୁ। ଶିଶୁ ପାଇଁ ବେଷ୍ଟ ପ୍ରଡକ୍ଟ କିଣିବାବେଳେ ଆପଣଙ୍କୁ ଟିକେ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ। ଯଦି ଆପଣ ଜାଣିପାରୁନାହାନ୍ତି କେଉଁଟି ଆପଣଙ୍କ ପାଇଁ ଠିକ୍ ତେବେ କୌଣସି ଡର୍ମାଟୋଲୋଜିଷ୍ଟଙ୍କ ଉପଦେଶ ନିଅନ୍ତୁ।

ମଧୁମେହର ମେଟାବଲିକ୍ ଅସ୍ତ୍ରୋପଚାର

ଭାରତରେ ୬୨ ନିୟୁତ ମଧୁମେହ ରୋଗୀ ଅଛନ୍ତି। ବିଶ୍ୱରେ ମଧୁମେହ ରୋଗୀଙ୍କ ତାଲିକାରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ଚାଇନାରେ ଏହି ରୋଗରେ ୯୨ ନିୟୁତ ଲୋକ ଆକ୍ରାନ୍ତ ବୋଲି ଏକ ପରିସଂଖ୍ୟାନରୁ ଜଣାପଡିଛି। କ୍ରମବର୍ଦ୍ଧିଷ୍ଣୁ ଆକ୍ରାନ୍ତଙ୍କ ସଂଖ୍ୟା ଯୋଗୁ ଭାରତରେ ଏହି ରୋଗକୁ ନେଇ ଗତ କିଛି ବର୍ଷ ହେଲା ବ୍ୟବସାୟ ମଧ୍ୟ ବଢ଼ିବାରେ ଲାଗିଛି। ଇନ୍‌ସୁଲିନ୍ ଓ ଇଞ୍ଜେକ୍‌ସନ୍ ବିନା ଗ୍ଲୁକୋଜ୍ ମନିଟରିଂ ସିଷ୍ଟମ୍ ବହୁଳ ଭାବେ ଭାରତୀୟ ବଜାରରେ ବିକ୍ରି ହେଉଛି। ଏଗୁଡିକ ଭିନ୍ନ ଭିନ୍ନ ଆକାର ଓ ମୂଲ୍ୟର ଉପଲବ୍ଧ ହେଉଛି। ଏବେ ରୋଗୀଙ୍କ ପାଇଁ ମେଟାବଲିକ୍ ଅସ୍ତ୍ରୋପଚାର ନୂଆ ଆଶା ସଞ୍ଚାର କରୁଛି। ଏହା ମାଧ୍ୟମରେ ୮୦ ପ୍ରତିଶତ ରୋଗୀ ଆରୋଗୀ ଲାଭ କରିପାରୁଛନ୍ତି। ରକ୍ତର ଶର୍କରା ପରିମାଣ ନିୟନ୍ତ୍ରଣ କରିପାରିଲେ ମଧୁମେହ ରୋଗକୁ ଏଡାଇ ହେବ। ସଚେତନତା ଓ ଚିକିତ୍ସାଧୀନ ଥିଲେ ମଧ୍ୟ ଅଧିକାଂଶ ରୋଗୀ ଶର୍କରା ପରିମାଣ ନିୟନ୍ତ୍ରଣ କରିବାରେ ବିଫଳ ହେଉଛନ୍ତି। ଏହାର କାରଣ ଟାଇପ୍-୨ ମଧୁମେହରେ ରୋଗୀଙ୍କ ଇନ୍‌ସୁଲିନ୍ ଅଭାବ ନୁହେଁ, ବରଂ ଇନ୍‌ସୁଲିନ୍ ପ୍ରତି ଶରୀରର ରୋଗ ପ୍ରତିରୋଧକ ଶକ୍ତି। ଆମ ଦେଶରେ ଇନ୍‌ସୁଲିନ୍‌ର ବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓ ବିଭିନ୍ନ ଔଷଦ ପ୍ରସ୍ତୁତକାରୀ ନିୟାମକ ସଂସ୍ଥା ଏହାର ମୂଲ୍ୟ ହ୍ରାସ ଦିଗରେ ଗୁରୁତ୍ୱ ଦେବା ଉଚିତ। ଏହି କ୍ଷେତ୍ରରେ ଦେଖାଯାଉଛି ଯେ, ପୁରୁଣା ଇନ୍‌ସୁଲିନ୍ ଠାରୁ ନୂଆର ମୂଲ୍ୟ ଅଧିକ ରହୁଛି। ତେଣୁ ରୋଗୀ ଏହାକୁ ବ୍ୟବହାର କରି ଚିକିତ୍ସିତ ହେବାର ସକ୍ଷମ ହେଉନାହାନ୍ତି। କେତେକ କ୍ଷେତ୍ରରେ ରୋଗୀମାନେ ଇନ୍‌ସୁଲିନ୍ ଗ୍ରହଣ କରି ମଧ୍ୟ ରୋଗମୁକ୍ତ ହେଉନାହାନ୍ତି। ଏଥିପାଇଁ ମେଟାବଲିକ୍ ଅସ୍ତ୍ରୋପଚାରର ସହାୟତା ନିଆଯାଉଛି। ୧୯୫୦ ଦଶକରେ ମୋଟା ଲୋକଙ୍କ ଓଜନ ହ୍ରାସ କରିବା ପାଇଁ ଏହି ପ୍ରକାର ଅସ୍ତ୍ରୋପଚାର କରାଯାଉଥିଲା। ୨୦୦୪ରେ ହୋଇଥିବା ଏକ ଗବେଷଣାରୁ ମେଟାବଲିକ୍ ଅସ୍ତ୍ରୋପଚାର ସୁଫଳ ସମ୍ପର୍କରେ ନୂଆ ତଥ୍ୟ ଜଣାପଡିଲା।



ନିୟନ୍ତ୍ରିତ ହେଉ ଲୁଣର ବ୍ୟବହାର

ଲୁଣର ବ୍ୟବହାର ଅଧିକାଂଶ ବ୍ୟଞ୍ଜନରେ ନିହାତି ଭାବେ ଅପରିହାର୍ଯ୍ୟ। ତେବେ ଲୁଣର ବ୍ୟବହାରକୁ ନେଇ ସାମାନ୍ୟ ସଚେତନତା ଅବଲମ୍ବନ କରିବା ଉଚିତ। ନଚେତ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦୈନିକ ଜଣେ ବ୍ୟକ୍ତି ମାତ୍ର ୨ ଚିମୁଟା ଲୁଣ ଖାଦ୍ୟରେ ଖାଇବା ଉଚିତ।

ଅଧିକ ପରିମାଣରେ ଲୁଣ ଖାଉଥିବା ଲୋକଙ୍କୁ ମାତ୍ରାଧିକ ଶୋଷ ଲାଗେ। ଲୁଣର ଅଧିକ ପ୍ରୟୋଗରେ ଜଣେ ବ୍ୟକ୍ତି ଉଚ୍ଚ ରକ୍ତଚାପରେ ପୀଡ଼ିତ ହୋଇପାରେ। ଏହାର ପ୍ରୟୋଗ ଅଧିକ ହେଲେ ବ୍ୟକ୍ତିକୁ ଅସହଜ ଲାଗିବା ସହ ପେଟ ଫୁଲିଯାଏ। ମୁହଁ, ହାତରେ ଚର୍ମ କୁଣ୍ଡାଇହୁଏ। ଲୁଣ ଅଧିକ ଖାଇଲେ ହାଡ଼ ଦୁର୍ବଳ ହୋଇଥାଏ। ହୃଦରୋଗୀମାନେ ଲୁଣ ଖାଇବା ଯଥେଷ୍ଟ କମ ଦରକାର। ପିଲାଙ୍କୁ ଯଥାସମ୍ଭବ ଆବଶ୍ୟକ ଅନୁଯାୟୀ ଲୁଣ ପ୍ରୟୋଗ ହୋଇଥିବା ଖାଦ୍ୟ ଖୁଆଇବା ଉଚିତ।

କମଳା ଚୋପାର ଉପକାରିତା

ଆମେ ସାଧାରଣତଃ କମଳା ଖାଇବା ପରେ ଏହାର ଚୋପାକୁ ଫିଙ୍ଗି ଦେଇଥାଉ। ହେଲେ ଜାଣନ୍ତିକି ତ୍ୱଚା ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଏହି କମଳା ଚୋପା ବେଶ୍ ଉପକାରୀ। ଜାଣନ୍ତୁ ସେ ସମ୍ପର୍କରେ...

- ତ୍ୱଚା ପାଇଁ କମଳା ଏକ ପ୍ରାକୃତିକ ଔଷଧ ପରି କାମ କରେ। କମଳା ଚୋପାକୁ ଗୁଣ୍ଡ କରି ଏଥିରେ ଅଳ୍ପ ପାଣି ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ତ୍ୱଚାକୁ ମୁଲାୟମ କରିଥାଏ।

- ଦୁଇ ଚାମଚ କମଳା ଚୋପା ଗୁଣ୍ଡରେ ଗୋଟିଏ ଚାମଚ ମହୁ ଓ ଗୋଟିଏ ଚାମଚ ଦହି ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଶୁଖିଗଲା ପରେ ସାମାନ୍ୟ ଉଷୁମ ପାଣିରେ ମୁହଁ ଧୋଇ ହାଲକା ଭାବେ ପୋଛନ୍ତୁ। ଏଭଳି ପ୍ରକ୍ରିୟା କିଛିଦିନ ଜାରି ରଖିଲେ ମୁହଁରୁ ଦାଗ ଦୂର ହୋଇଯିବ।

- କମଳା ଚୋପା ଗୁଣ୍ଡ ତେଲିଆ ତ୍ୱଚା ପାଇଁ ବେଶ୍ ଉପକାରୀ। ଦୁଇ ଚାମଚ କମଳା ଚୋପା ଗୁଣ୍ଡ, ଗୋଟିଏ ଚାମଚ ଓଟ୍‌ମିଲ୍ସ ଏବଂ ଗୋଟିଏ ଚାମଚ ବେକିଂ ସୋଡ଼ାର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଶୁଖିଗଲା ପରେ ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାରୁ ମଇଳାକୁ ବାହାର କରିବା ସହ ଅତ୍ୟଧିକ ତେଲ, ବ୍ୟାକ୍ଟେରିଆ ଆଦିରୁ ରକ୍ଷା କରିଥାଏ।

ଶ୍ୱାସ ଦୁର୍ଗନ୍ଧ ଦୂର କରନ୍ତୁ

ଆପଣଙ୍କ ଶ୍ୱାସପ୍ରଶ୍ୱାସରେ ଦୁର୍ଗନ୍ଧ ବାହାରୁଥିବା ନେଇ କେହି ଅଭିଯୋଗ କରିବା କିମ୍ବା ପାଖରେ ଠିଆ ହୋଇ କଥା ନ ହେବା ଭଳି ଅପମାନଜନକ ସ୍ଥିତିର ଯଦି ସାମ୍ନା କରୁଛନ୍ତି ତେବେ ବ୍ୟୟବହୁଳ ମାଉଥୱାସ ବ୍ୟବହାର ନକରି ନିଜ ଶରୀରକୁ ଆବଶ୍ୟକତା ଅନୁସାରେ ଜଳ ଯୋଗାନ୍ତୁ। ଭିଟାମିନ ସି ଥିବା ଖାଦ୍ୟପଦାର୍ଥ ଖାଇବା ସହ ସ୍ପେଶାଲ ଚା' ପିଇ ଏପରି ସମସ୍ୟାର ସମାଧାନ କରିପାରିବେ। ଏହି ସମସ୍ୟାରୁ ମୁକୁଳିବାରେ କେତେକ ସାଧାରଣ ଟିପ୍ସ:

ଜଳ: ନିୟମିତ ବ୍ୟବଧାନରେ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ସହିତ ଅଳ୍ପଅଳ୍ପ ପାଣିରେ କୁଳି କରନ୍ତୁ। ଶରୀରରେ ଜଳସ୍ତର ହ୍ରାସ ପାଇଲେ, ମୁହଁରେ ଲାଳ ସୃଷ୍ଟି ହେବା ବନ୍ଦ ହୋଇଯାଏ। ମୁହଁରେ ଲାଳ ସୃଷ୍ଟି ହେଲେ ହିଁ ସେଠାରେ ଥିବା ଜୀବାଣୁ ସଫା ହୋଇଥାନ୍ତି ଏବଂ ଲାଳର ମାତ୍ରା ହ୍ରାସ ପାଇଲେ ମୁହଁ ଶୁଖିଲା ହୋଇଯାଇ ଦୁର୍ଗନ୍ଧ ହୁଏ।

ଭିଟାମିନ ସି: କମଳା ଓ ଲେମ୍ବୁ ଜାତୀୟ ମିଠା ଓ ଖଟା ଫଳରେ ଭରପୂର ମାତ୍ରାରେ ଭିଟାମିନ ସି ରହିଥାଏ। ଏହି ଫଳ ମୁହଁର ଦୁର୍ଗନ୍ଧ ଦୂର କରିବାରେ ବେଶ୍ ସହାୟକ। ଭିଟାମିନସି ଦୁର୍ଗନ୍ଧ ସୃଷ୍ଟି କରୁଥିବା ଜୀବାଣୁଙ୍କୁ ନଷ୍ଟ କରିଥାଏ।

ସେଓ: କୁହନ୍ତି, ଦୈନିକ ଗୋଟିଏ ସେଓ ଖାଇଲେ ଶରୀର ସୁସ୍ଥ ରହିଥାଏ। ସେଓ ମୁହଁରେ ସୃଷ୍ଟି ହେଉଥିବା ଲାଳକୁ ବୃଦ୍ଧି କରିଥାଏ। ଏହା ଦ୍ୱାରା ଆମ ମୁହଁ ଏକପ୍ରକାର ସଫା ହୋଇଥାଏ ଏବଂ ଜୀବାଣୁ ନଷ୍ଟ ହୋଇଥାନ୍ତି। ଏହାପରେ ଦୁର୍ଗନ୍ଧ ଯୁକ୍ତ ଶ୍ୱାସ ବାହାରିନଥାଏ।

ଡାଲଚିନି ଚା': ପ୍ରାୟ ସମସ୍ତଙ୍କ ରୋଷେଇ ଘରେ ଡାଲଚିନିଖୁବ୍ ସହଜରେ ମିଳିଯିବ। ଡାଲଚିନି ଯୁକ୍ତ ଚା' ପିଇବା ଫଳରେ ମୁହଁର ଦୁର୍ଗନ୍ଧ ଦୂର ହୋଇଥାଏ। ନିୟମିତ ଏହାକୁ ବେନ କରିବା ଫଳରେ ସୁଫଳ ମିଳିଥାଏ।

ଫ୍ୟାସନ୍: କର୍ମଜୀବୀ ମହିଳାଙ୍କ ପାଇଁ

ଯଦି ଆପଣ କର୍ମଜୀବୀ ହୋଇଥାନ୍ତି, ତେବେ ନିଜର ଡ୍ରେସ୍‌କୋଡ୍ ଉପରେ ନଜର ଦିଅନ୍ତୁ। କିପିର ଡ୍ରେସ୍ ପିନ୍ଧିଲେ ଆପଣ ସୁନ୍ଦର ସହ ସ୍ମାର୍ଟ ଦେଖାଯିବେ। ଜାଣନ୍ତୁ ସେ ସମ୍ପର୍କରେ...

■ ଆପଣ ଯଦି କୌଣସି କର୍ପୋରେଟ୍ ସେକ୍ଟରରେ କାମ କରୁଥାନ୍ତି, ଧଳା ଲାଇଲନ୍ ଶାର୍ଟ ପିନ୍ଧିପାରନ୍ତି। ଏହା ସହିତ ଆପଣ କଲରଫୁଲ ସ୍କାର୍ଫ କିମ୍ବା ହାଲୁକା ରଙ୍ଗର ଜ୍ୟାକେଟ୍ ପିନ୍ଧିପାରିବେ।

■ ଆପଣ ଯଦି କୌଣସି ଅଫିସରେ କାମ କରୁଥାନ୍ତି ତେବେ ସିମ୍ପଲ ପ୍ୟାଣ୍ଟ ପସନ୍ଦ କରନ୍ତୁ। ଏଥିପାଇଁ ଆପଣ କଳା କିମ୍ବା ଗ୍ରେ ରଙ୍ଗ ଚୟନ କରିପାରନ୍ତି। ତେବେ ଅଫିସିଆଲ ଗେଟ୍‌ଅପ୍ ଲାଗି ଫର୍ମାଲ୍ ଡ୍ରେସ୍ ଭଲ ଲାଗିଥାଏ।

■ କର୍ମଜୀବୀ ହୋଇଥିଲେ ବ୍ଲେଜର ଆପଣଙ୍କୁ ଠିକ୍ ଲାଗିବ। ଅଫିସ୍‌ରେ କୌଣସି ମିଟିଂ ଥିଲେ ବା କୌଣସି କ୍ଲାଏଣ୍ଟଙ୍କ ଦେଖା କରିବାକୁ ଚାହୁଁଥିଲେ ଏହି ଗେଟ୍‌ଅପ୍‌ରେ ଆପଣ ମାର୍ଜିତ ଦେଖାଯିବେ।

■ ଆପଣ ଏପରି କୁର୍ତ୍ତି ପିନ୍ଧନ୍ତୁ ଯାହା ଆରାମଦାୟକ ହୋଇଥିବ। ଏହା ଆପଣଙ୍କୁ କାମ କରିବା ସମୟରେ ହାଲୁକା ଲାଗିବ। ଆପଣ ଏଥିପାଇଁ ପର୍ପଲ ବା ବ୍ଲୁ ରଙ୍ଗ ପସନ୍ଦ କରିପାରିବେ। ଓ୍ୱାର୍ଲି ପ୍ରିଣ୍ଟର କୁର୍ତ୍ତି ସବୁଠାରୁ ଅଧିକ ଭଲ ଲାଗିବ।

ଅଳସୀ

ଅଣ-ଜଳସେଚିତ ଜମିରେ ଅଳସୀ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ। ଓଡ଼ିଶାର ଜଳବାୟୁ ପାଇଁ ଦେଓମାଳି ଓ ଆଇଜିପି ୭୬ କିସମ ଉପଯୁକ୍ତ। ଏକର୍ ପ୍ରତି ଚାରି କିଗ୍ରା ବିହନ ଆବଶ୍ୟକ। ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ, ବିଶୋଧିତ କରି ବୁଣନ୍ତୁ। ,କ କିଗ୍ରା ବିହନକୁ ତିନି ଗ୍ରାମ ଥିରାମ କିମ୍ବା ଦୁଇ ଗ୍ରାମ କାର୍ବେଣ୍ଡାଜିମ୍ ମିଶାଇ ବିଶୋଧନ କରନ୍ତୁ। ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ। ଶେଷ ଓଡ଼ ଚାଷ ସମୟରେ ଏକର୍ ପ୍ରତି ଆଠ କିଗ୍ରା ଲେଖାଏଁ ଯବକ୍ଷାରଜାନ, ଫସଫରସ ଓ ପଟାସ ମୂଳ ସାର ଭାବେ ଦିଅନ୍ତୁ। ଧାଡ଼ି ମଧ୍ୟରେ ତିରିଶ ସେମି ଏବଂ ଗଛ ମଧ୍ୟରେ ଦଶ ସେମି ବ୍ୟବଧାନ ରଖି ମଞ୍ଜି ତିନି ସେମି ଗଭୀରରେ ବୁଣନ୍ତୁ।

ଉଚ୍ଚରକ୍ତଚାପର ଘରୋଇ ଉପଚାର

ଉଚ୍ଚ ରକ୍ତଚାପର ଏକ ଭୟଙ୍କର ରୋଗ। ରୋଗୀ ସେଥିପାଇଁ ଏହାକୁ ନେଇ ଚିନ୍ତିତ ରହିବା ସହ ଔଷଧ ଉପରେ ନିର୍ଭର କରିଥାଏ। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଆମ ହାତ ପାହାନ୍ତାରେ ଏପରି ଅନେକ ଜିନିଷ ଅଛି ଯାହାକୁ ବ୍ୟବହାର କରି ଆମେ ରକ୍ତଚାପ ନିୟନ୍ତ୍ରଣରେ ରଖିପାରିବା। ରୋଗୀ ଡାକ୍ତରୀ ଔଷଧ ସହ ଏହି ଘରୋଇ ଉପଚାର ମାଧ୍ୟମରେ ସେମାନଙ୍କ ରକ୍ତଚାପ ନିୟନ୍ତ୍ରଣରେ ରଖିପାରିବେ।

ସଜନାପତ୍ର: ସଜନା ପତ୍ରର ରସ ଉଚ୍ଚ ରକ୍ତଚାପର ରୋଗୀଙ୍କ ପାଇଁ ମହୋଷଧି ପରି ହୋଇଥାଏ। ପ୍ରତିଦିନ ସକାଳେ ଖାଲି ପେଟରେ ୨ ଚାମଚ କଞ୍ଚାପତ୍ରର ରସକୁ ସେବନ କଲେ ଲାଭଦାୟକ ହୋଇଥାଏ। ଯଦି କଞ୍ଚାପତ୍ର ନଖାଇ ପାରିବେ ତାହାହେଲେସଜନା ପତ୍ରକୁ ପାଣିରେ ଫୁଟାଇ ପିଅନ୍ତୁ।

ଲେମ୍ବୁ: ଖାଲି ପେଟରେ ପ୍ରତିଦିନ ସକାଳୁ ଏକ କପ ଉଷୁମ ପାଣିରେ ଫାଳେ ଲେମ୍ବୁ ରସ ପକାଇ ପିଅନ୍ତୁ। ଏଥିରେ ଲୁଣ କିମ୍ବା ଚିନି ନମିଶିଲେ ଅଧିକ ଲାଭଦାୟକ।

ତରଭୁଜ ମଞ୍ଜି: ତରଭୂଜ ମଂଜି ଓ ପୋସ୍ତକୁ ସମାନ ପରିମାଣରେ ନେଇ ବାଟି ଦିଅନ୍ତୁ। ସକାଳ ଓ ସନ୍ଧ୍ୟାରେ ଖାଲି ପେଟରେ ଏହାକୁ ପ୍ରତିଦିନ ଦୁଇଥର ଏକ ଚା' ଚାମଚ ଲେଖାଏଁ ସେବନ କରନ୍ତୁ।

କଦଳୀ: କଦଳୀ ଏକମାତ୍ର ଫଳ ଯାହାକୁ ଉଚ୍ଚ ରକ୍ତଚାପ ରୋଗୀ ନିୟମିତ ସେବନ କରିପାରିବେ। ଏହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିପାରିବ। କଦଳୀରେ ଭରପୂର ମାତ୍ରାରେ ପୋଟାସିୟମ ରହିଛି ଯାହା ସୋଡ଼ିୟମ ପ୍ରଭାବକୁ କମ କରିପାରେ।

ନାବାଳିକାକୁ ଅପହରଣ: ଯୁବକ ଗିରଫ

ଜୟପୁର, ୦୫/୧୨ (ନି.ପ୍ର): ନାବାଳିକାକୁ ଅପହରଣ ଓ ଅସଦାଚରଣ ମାମଲାରେ ଯୁବକକୁ ସୋମବାର ଗିରଫ କରିଛି ଜୟପୁର ମହିଳା ପୋଲିସ । ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଲା କାଳିଆ ଗାଁର ଗଣେଷ ହରିଜନ (୨୩) । ପୋଲିସ ସୂଚନା ଅନୁଯାଇ ନାବାଳିକାକୁ ଅପହରଣ ହୋଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ଆଧାରରେ ନାବାଳିକାକୁ ଅପହରଣ ଓ ଅସଦାଚରଣ ମାମଲାରେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ମହିଳା ଥାନା ଅଧିକାରି ଅନିତା କୁଜୁର ସୁଚନା ଦେଇଛନ୍ତି ।

ଯାନ ବାହାନ ଯାଂଚ

ଜୟପୁର, ୦୫/୧୨ (ନି.ପ୍ର): ଜୟପୁର ସଦର ପୋଲିସ ଓ ଆରଟିଓ କୋରାପୁଟ ତରଫରୁ ଶୁନ୍ୟ ସହିଷ୍ଣୁତା ଯାଂଚ କ୍ରମରେ ଯାନ ବାହାନ ଯାଂଚ କରାଯାଇଛି । କାଗଜ ପତ୍ର, ପଲ୍ୟୁସନ, ଫିଟନେସ, ହେଲମେଟ , ସିଟ ବେଲଟ, ଆଗପଟେ ନମ୍ବର ପ୍ଲେଟ ନଥିବା, ମଦ୍ୟପାନ କରି ଗାଡି ଚଲାଉଥିବା ଆଦି ଉପରେ ଯାଂଚ କରିଥିଲେ । ଜୟପୁର ସଦର ପୋଲିସ ତରଫରୁ ବାରିଣିପୁଟ ଠାରେ ଗାଡି ଯାଂଚ କରାଯାଇଥିଲା । ମୋଟ ୨୨ଟି ଗାଡିରୁ ୨୧ ହଜାର ୫ ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ଆରଟିଓ କୋରାପୁଟ ତରଫରୁ ୧୧ଟି ଗାଡିରୁ ୨୪ ହଜାର ୫ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଛି ।

ମଣ୍ଡିରେ ଧାନ ବିକ୍ରୟ ନିମନ୍ତେ ଗଡ଼ିଲା କୃଷକ ସଚେତନତା ରଥ

ରାଇରଙ୍ଗପୁର, ୦୫/୧୨ (ନି.ପ୍ର): 'ଚାଷୀ ହସିଲେ ଦୁନିଆ ହସିବ'. ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ । ଏହି ପରିପ୍ରେକ୍ଷୀରେ ସରକାରଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ ଚଳିତ ଡିସେମ୍ବର ମାସ ୧୦ ତାରିଖ ରୁ ୩୧ ତାରିଖ ପର୍ଯ୍ୟନ୍ତ ୨୦୨୩ - ୨୪ ବର୍ଷ ଖରିଫ ଋତୁ ପାଇଁ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବା ନେଇ କାର୍ଯ୍ୟକ୍ରମ ରହିଛି । ଏଥି ନିମନ୍ତେ ବାମନଘାଟୀ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀ ଭାଇ ମାନଙ୍କ ଅବଗତି ନିମନ୍ତେ ଆଜି ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ କୃଷକ ସଚେତନତା ରଥକୁ ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉକ୍ତ ରଥକୁ ଶୁଭାରମ୍ଭ କରି ଉପଜିଲ୍ଲାପାଳ ଶ୍ରୀ ଦାଶ କହିଥିଲେ କି ଉକ୍ତ ରଥ ର ପରିକ୍ରମା ର ମୁଖ୍ୟ ଉଦେଶ୍ୟ ହେଉଛି ଜଣେ ଚାଷୀ ମଣ୍ଡି କୁ ତାଙ୍କର ଧାନ ବିକ୍ରୟ ପାଇଁ ଆସିବା ପୂର୍ବରୁ ଏହା ଜାଣିବା ନିତ୍ୟାନ୍ତ ଜରୁରୀ କି ବିକ୍ରି ପାଇଁ ଉଦିଷ୍ଟ ଧାନ ର ମାନ କିପରି ହେବା ଉଚିତ ଏବଂ ମଣ୍ଡି ରେ ଧାନ ବିକ୍ରି କରିବା ପାଇଁ ତାଙ୍କୁ କ'ଣ କ'ଣ ନିୟମ ଅନୁସରଣ କରିବା ପାଇଁ ପଡିବ । ଏହି ରଥ ଉଦ୍‌ବେଗର ବିଷୟ ହେଉଛି, ଅସଦାଚରଣ ଓ ଦୁଷ୍କର୍ମ ସହ ହତ୍ୟା ମାମଲା ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନରେ ରହିଛି । ୨୦୨୨ରେ ରାଜ୍ୟରେ ୭ ହଜାର ୩୩୭ଟି ଅସଦାଚରଣ ମାମଲା ରୁଜୁ ହୋଇଛି । ସେହିପରି ୧୪୬୪ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୧୪ଟି ଦୁଷ୍କର୍ମ ସହ ହତ୍ୟା ମାମଲା ଦୃଷ୍ଟିକୁ ଆସିଛି । ଏ କ୍ଷେତ୍ରରେ ମଧ ଓଡ଼ିଶା ଦେଶରେ ଚତୁର୍ଥ । ଏହି ସମୟରେ ରାଜ୍ୟରେ ୨୬୩ଟି ଯୌତୁକଜନିତ ମାମଲା ରୁଜୁ ହୋଇଛି । ଆଉ ଗୋଟିଏ ଭଲ ଖବର ହେଉଛି, ରାଜ୍ୟରେ ହତ୍ୟା ମାମଲା କମିଛି । ୨୦୧୦ରେ ୧୪୭୦ ହତ୍ୟା ମାମଲା ରୁଜୁ ହୋଇଥିବା ବେଳେ ୨୦୨୧ରେ ଏହା କମି ୧୩୯୪ରେ ପହଞ୍ଚିଥିଲା । ୨୦୨୨ରେ ଏହା ୧୩୭୯କୁ କମି ଆସିଛି । ଜନସଂଖ୍ୟାକୁ ହିସାବକୁ ନେଲେ, ଏହି ତଥ୍ୟ ମୁତାବକ ରାଜ୍ୟରେ ବାର୍ଷିକ ପ୍ରତି ଲକ୍ଷେ ଲୋକରୁ ୩ ଜଣ ହତ୍ୟାର ଶିକାର ହେଉଛନ୍ତି । ଶିଶୁ ବିରୋଧୀ ଅପରାଧ ମାମଲାରେ ସାମ୍ନାକୁ ଆସିଥିବା ଚିତ୍ରଟି ବେଶ୍ ଚିନ୍ତାଜନକ । ୨୦୨୦ ମସିହାରେ ଏହି ସଂକ୍ରାନ୍ତ ୬୩୩୦ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୧ରେ ତାହା ୭୮୯୯କୁ ବଢ଼ି ୨୦୨୨ରେ ୮୨୪୦ରେ ପହଞ୍ଚି ଯାଇଥିବା ଏନ୍‌ସିଆରବି ତଥ୍ୟ କହୁଛି । ଏହାଛଡ଼ା ପୂର୍ବବର୍ଷ ଅପେକ୍ଷା ଅର୍ଥନୈତିକ ଅପରାଧ ବଢ଼ିଛି । ୨୦୨୧ରେ ୬୧୧୫ଟି ଅର୍ଥନୈତିକ ଅପରାଧ ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ରେ ୬୨୨୯ଟି ମାମଲା ରୁଜୁ ହୋଇଛି । ତେବେ ସାଧାରଣ ଧାରଣାର ବିପରୀତ ସାଇବର ଅପରାଧ ୨୦୨୧ ତୁଳନାରେ ୨୦୨୨ରେ ଆଶ୍ଚର୍ଯ୍ୟଜନକ ଭାବେ କମିଛି । ୨୦୨୧ରେ ୨୦୩୭ଟି ଏପରି ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ରେ ୧୯୮୩ଟି ମାମଲା ରୁଜୁ ହୋଇଛି ।

କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ୧୨୩ ଅଭିଯୋଗ

କେନ୍ଦ୍ରାପଡ଼ା, ୦୫/୧୨ (ନି.ପ୍ର): ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ରିତ୍ ରତୁରାଜ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସନ୍ଦୀପ୍ ସମ୍ପଦ୍ ମଡକର, ଅତିରିକ୍ତ ଜିଲ୍ଲାପାଳ(ସାଧରଣ) ଶ୍ରୀ ପୀତାମ୍ବର ସାମଲ, କେନ୍ଦ୍ରପଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା ଅନୀତା ପଟ୍ଟନାୟକ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ବିଜୟ କେତନ ସାହୁ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୨୩ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୭ ଗୋଟି ସାମୁହିକ ଅଭିଯୋଗ ଏବଂ ୧୧୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ସାମୁହିକ ଅଭିଯୋଗ ମଧ୍ୟରେ ମହାକାଳପଡ଼ାର ପଙ୍କପାଳ ଜୟ ଜଗନ୍ନାଥ ଏସ୍‌ଏଚ୍‌ଜି ଗ୍ରୁପ ସଭାପତି ଓ ଅନ୍ୟମାନେ ଗାଁ ପୋଖରୀ, ବଗଡ଼ା ଗ୍ରାମ ପଂଚାୟତର ଆଦିକନ୍ଦ ରାଉଳ ଓ ଅନ୍ୟମାନେ, ବହିରାସ ସରକାରୀ ପ୍ରାଥମିକ ସ୍କୁଲ୍, ବଗୁଆର ଅନନ୍ତ ନାରାୟଣ ତ୍ରିପାଠୀ ଓ ଅନ୍ୟମାନେ ରାସ୍ତା ନିର୍ମାଣ, ଚଉଦକୁଲାଟର ଦିଲୱାର୍ ଖାଁ ଓ ଅନ୍ୟମାନେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବିରୁଦ୍ଧରେ ଅନିୟମିତତା ଅଭିଯୋଗ, ରାସ୍ତା ଅବରୋଧ ହଟାଇବା ସମ୍ପର୍କରେ ଦୁତୀଆଳର ଗଣେଶ୍ୱର ସାହୁ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି ।

ଏନ୍‌ସିଆରବି ରିପୋର୍ଟରେ ଓଡ଼ିଶା: ଶିଶୁ, ଅର୍ଥନୈତିକ ଅପରାଧ ଉପରମୁହାଁ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ରାଜ୍ୟରେ ଦିନକୁ ଦିନ ଅପରାଧିକ ମାମଲା ବଢ଼ିବାରେ ଲାଗିଛି । ଜାତୀୟ ଅପରାଧ ନଥି ସଂସ୍ଥା (ଏନ୍‌ସିଆରବି)ର ତଥ୍ୟ ମୁତାବକ ୨୦୨୧ରେ ୧ ଲକ୍ଷ ୫୫ ହଜାର ୪୨୦ଟି ଅପରାଧିକ ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ରେ ଏହା ବୃଦ୍ଧି ପାଇ ୧ ଲକ୍ଷ ୭୮ ହଜାର ୧୯୦ରେ ପହଞ୍ଚିଛି । ଅର୍ଥାତ୍ ଅପରାଧ ପାଖାପାଖି ୧୫ ପ୍ରତିଶତ ବଢ଼ିଛି । ତେବେ ଏ ହିସାବରେ ଥିବା ଭଲଚିତ୍ରଟି ହେଉଛି, ପୂର୍ବ ବର୍ଷ ତୁଳନାରେ ରାଜ୍ୟରେ ମହିଳା ବିରୋଧୀ ଅପରାଧ କମିଛି । ୨୦୨୧ରେ ରାଜ୍ୟରେ ୩୧ ହଜାର ୩୫୨ଟି ମହିଳା ବିରୋଧୀ ଅପରାଧ ଘଟିଥିବା ବେଳେ ୨୦୨୨ରେ ଏହା ୨୩ ହଜାର ୬୪୮କୁ ଖସି ଆସିଛି । ତଥାପି ମହିଳା ବିରୋଧୀ ଅପରାଧ ମାମଲାରେ ଓଡ଼ିଶା ଦେଶରେ ସପ୍ତମ ସ୍ଥାନରେ ରହିଛି । ଆହୁରି

ତୁଳସୀ ମହିଳା ମହାବିଦ୍ୟାଳୟରେ ପ୍ଲାଷ୍ଟିକ୍ ମୁକ୍ତ ଭାରତ ଅଭିଯାନ

କେନ୍ଦ୍ରାପଡ଼ା, ୦୫/୧୨ (ନି.ପ୍ର): କେନ୍ଦ୍ରାପଡା ଟାଉନ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ନୂଆ ଓ କାର୍ଯ୍ୟକମ ଆଧାରରେ ସାଂସ୍କୃତିକ ପ୍ରତିଯୋଗିତା ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆଜି ଉଦ୍‌ଘାଟିତ ହୋଇଯାଇ ଅଛି । ମହା ବିଦ୍ୟାଳୟର ଅଧ୍ୟକ୍ଷା ଡ଼ ପ୍ରମିଳା ରାଣୀ ବେହେରା ଏବଂ କେନ୍ଦ୍ରାପଡ଼ା ମ୍ୟୁନିସିପାଲ୍‌ଟିର କାଉନ୍‌ସିଲର୍ ନିରାକାର ସ୍ୱାଇଁ ସାମାଜିକ ସଚେତନତା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । "ପ୍ଲାଷ୍ଟିକ୍ ମୁକ୍ତ ଭାରତ" ନିମିତ ଜନ ସଚେତନତା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ଅଧ୍ୟାପିକା ବନ୍ୟା ବେହେରା ଓ ଅଧ୍ୟାପିକା ପ୍ରଭାସିନୀ ଜେନାଙ୍କ ନେତୃତ୍ୱରେ ଏକ ରାଲି ବିଭିନ୍ନ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରିଥିଲେ । ଏହା ପରେ ସ୍ନାତକ ବିଭାଗର ସାଂସ୍କୃତିକ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼ ସ୍ମୃତିରଞ୍ଜନ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏଥିରେ ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଏବଂ ମାର୍ଶାଘାଇ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପିକା ଶ୍ରୀମତୀ ପ୍ରତିଜ୍ଞା ସାମଲ ସମ୍ମାନିତ ଅତିଥି ଭାବେ ଅଂଶ ଗ୍ରହଣ କରିଥିଲେ । ସାଂସ୍କୃତିକ ପ୍ରତିଯୋଗିତା ବିଭାଗର ନୋଡାଲ୍ ଅଫିସର୍ ଡ଼ ମମତା ସାହୁଙ୍କ ନେତୃତ୍ୱରେ କବିତା ଆବୃତି, ଗଳ୍ପ କଥନ, ସଂଗୀତ , ଏକକ ଅଭିନୟ, ବ୍ୟଙ୍ଗ ନାଟକ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏନଇପି ୨୦୨୦ ଉପରେ ଦୁଇ ଦିନଆ ଅନ୍ତଜାତୀୟ ସେମିନାର ଉଦ୍‌ଯାପିତ

ଜୟପୁର, ୦୫/୧୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ 'ଏନଇପି-୨୦୨୦ ମାଧ୍ୟମରେ ଭାରତୀୟ ପରମ୍ପରା ଓ ମୂଲ୍ୟବୋଧର ରୂପାନ୍ତର: ବହୁଭାଷୀ ଏବଂ ବହୁଶୃଙ୍ଖଳାସଂସ୍କୃତି ଅଫ୍ ଏଜୁକେସନ୍' ଶୀର୍ଷକ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦଯାପିତ ହୋଇଯାଇଛି । ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ସହଯୋଗରେ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ପଣ୍ଡିତ ଓ ବିଶେଷଜ୍ଞମାନେ ଏକାଠି ହୋଇ ଭାରତର ସାଂସ୍କୃତିକ ଓ ଶୈକ୍ଷିକ ଦୃଶ୍ୟପଟ ଉପରେ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ଗଭୀର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ସେ ପ୍ରକୃତ ଶିକ୍ଷାର ସାର ଭାବରେ ଭାରତୀୟ ପାରମ୍ପରିକ ବ୍ୟବସ୍ଥାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏନଇପି ୨୦୨୦ କାର୍ଯ୍ୟକାରୀ କରିବାରେ ଶିକ୍ଷକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ଗୁଣ ବିକଶିତ କରିବା ହେଉଛି ଶିକ୍ଷାର ଉଦ୍ଦେଶ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଦ୍ୱିତୀୟ ଦିନରେ ବିଶିଷ୍ଟ ପ୍ୟାନେଲିଷ୍ଟମାନେ ଏନଇପି-୨୦୨୦ ମାଧ୍ୟମରେ ଭାରତୀୟ ପରମ୍ପରା ଓ ମୂଲ୍ୟବୋଧର ରୂପାନ୍ତର ନେଇ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ । ସେଣ୍ଟ ଫ୍ରାନ୍ସିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀମଣି ଚକ୍ରବର୍ତ୍ତୀ ଭାରତୀୟ ଜ୍ଞାନ ବ୍ୟବସ୍ଥାରେ ସାଂସ୍କୃତିକ ପ୍ରାସଙ୍ଗିକ ଶବ୍ଦକୋଷର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ । ଆରଆଇଇ (ଏନସିଇଆରଟି)ର ଅଧ୍ୟକ୍ଷ ପ୍ରଫେସର ପି.ସି. ଅଗ୍ରୱାଲ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଦିଗ ଭାବରେ ନିରନ୍ତର ବିକାଶ ଉପରେ ଗୁରୁତ୍ୱାରୋପ କରି ଦେଶର ମୂଲ୍ୟବୋଧକୁ ଗଢିତୋଳିବା ପାଇଁ ଭିତିଭୂମି ଭାବରେ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ଫୈଜଲ କରିମି ଆଫଗାନିସ୍ତାନରେ ତାଲିବାନ ଶାସନ ଅଧୀନରେ ଶିକ୍ଷା ପ୍ରତି ଥିବା ବିପଦ ବିଷୟରେ ଆଲୋଚନା କରିବା ସହ ଝିଅ ଓ ମହିଳାଙ୍କ ଉପରେ ଏହାର ପ୍ରଭାବକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ସେ ସ୍ଥିରତା ଏବଂ ସକାରାତ୍ମକ ପରିବର୍ତ୍ତନ ବିଷୟରେ ମଧ୍ୟ କହିଥିଲେ । ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ଯୁଗରେ ମନର ଡିଜିଟାଇଜେସନ୍ ଏବଂ ହୃଦୟର ମାନବୀକରଣ ଉପରେ ଗୁରୁତ୍ୱାରୋପ କରି ମୌଳାନା ଅଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଡାମ ପଲ୍ ପାଟେଟି ସଫ୍ଟ ସ୍କିଲର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

ରାଜୀବ ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ଏଚ.ଓ.ଡି. ପ୍ରଫେସର ପ୍ରଶାନ୍ତ କୁମାର ଆଚାର୍ଯ୍ୟ ଭାରତୀୟ ଜ୍ଞାନ ପରମ୍ପରାର ପ୍ରଚାର ପ୍ରସାରରେ ବେଦାନ୍ତ, ଯୋଗ, ନ୍ୟାୟ, ମିମ୍ବା, ଆୟୁର୍ବେଦ ଏବଂ ଭାରତୀୟ ଦର୍ଶନର ଅନ୍ୟାନ୍ୟ ଦିଗ ଉପରେ ଆଲୋକପାତ କରିଥିଲେ । ୨୦୨୫ ସୁଦ୍ଧା ବହୁ ଛାତ୍ରଛାତ୍ରୀ ଧନ୍ଦାମୂଳକ ଶିକ୍ଷା ପାଇବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଶିକ୍ଷାକ୍ଷେତ୍ରରେ ନୈତିକ ମୂଲ୍ୟବୋଧର ମୂଳ ଭୂମିକା ଉପରେ ଗୁରୁତ୍ୱାରୋପ କରି ଭାରତୀୟ ସଂସ୍କୃତି ଓ ଦର୍ଶନ ଉପରେ ଅଧିକ ଗବେଷଣା କରିବାକୁ ଆହ୍ୱାନ ଦେଇଥିଲେ । ବିଶ୍ୱ ଭାଇଚାରାରେ ଭାରତର ଅବଦାନକୁ ସେ ପ୍ରଶଂସା କରିଥିଲେ ।

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଦିବାସୀ ଅଧ୍ୟୟନ ପାଇଁ ରାଜୀବ ଗାନ୍ଧୀ ଚେୟାର ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ବରିଷ୍ଠ ପ୍ରଫେସର ପ୍ରଫେସର ପି ସି ପଟ୍ଟନାୟକ ଭାଷାଗତ ଏବଂ ସାଂସ୍କୃତିକ ବିବିଧତା ଉପରେ ଆଲୋଚନା କରିବା ସହ ଜ୍ଞାନ ପ୍ରଣାଳୀ ପ୍ରତି ଆନ୍ତଃବିଭାଗୀୟ ଆଭିମୁଖ୍ୟ ପାଇଁ ପରାମର୍ଶ ଦେଇଥିଲେ । ଏନଜିବିଟି କଲେଜର ଅଧ୍ୟକ୍ଷା ଡ. କଲ୍ୟାଣୀ ସାହୁ ରବୀନ୍ଦ୍ରନାଥ ଟାଗୋରଙ୍କ ସମାବେଶୀ ଶିକ୍ଷା ଦର୍ଶନକୁ ପ୍ରତିଫଳିତ କରି ପର୍ବପର୍ବାଣୀକୁ ଏକ ସାଂସ୍କୃତିକ ଏକତା ଶକ୍ତି ଓ ପରିଚୟର ପ୍ରତୀକ ବୋଲି ଆଲୋକପାତ କରିଥିଲେ । ଦିନତମାମ ଶିକ୍ଷା ସମ୍ବନ୍ଧୀୟ ଏକାଡେମିକ ପେପର ଉପସ୍ଥାପନ କରାଯାଇଥିଲା, ଯେଉଁଥିରେ ଆଲୋଚନାର ଗଭୀରତା ଓ ବ୍ୟାପକତାକୁ ଦର୍ଶାଯାଇଥିଲା । ସିୟୁଓର ଶିକ୍ଷା ବିଭାଗର ଏଚ.ଓ.ଡି. ଡ. ରାମେନ୍ଦ୍ର କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଏଚ.ଓ.ଡି. ଆଇ/ସି ଡ. ସୌରଭ ଗୁପ୍ତା କାର୍ଯ୍ୟକ୍ରମର ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ । ଏ.ବି.ଆର.ଏସ.ଏମ୍. ପକ୍ଷରୁ ନୀଳୁରାମ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ସେମିନାରରେ ବୈଧାନିକ ଅଧିକାରୀ, ଅଧ୍ୟାପକ, ଭାରତ ତଥା ବିଦେଶର ବିଭିନ୍ନ ଅନୁଷ୍ଠାନର ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଶ୍ୱବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଏନେଇ ଡ.ଫଗୁନାଥ ଭୋଇ, ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

ଆନ୍ଧ୍ରମୁହାଁ କଳାହାଣ୍ଡି ତେନ୍ତୁଳି: ପ୍ରକ୍ରିୟାକରଣ ପାଇ ଭଉଭୂମିର ଅଭାବ

ଭବାନୀପାଟଣା, ୦୫/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ତେନ୍ତୁଳି ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ ଭିତ୍ତିଭୂମି ନଥିବା ଯୋଗୁ ବେପାରୀମାନଙ୍କ ଜରିଆରେ ଆନ୍ଧ୍ରପ୍ରଦେଶ ଚାଲାଣ ହେଉଛି । ତେନ୍ତୁଳିକୁ ନେଇ ଆନ୍ଧ୍ରପ୍ରଦେଶରେ ପ୍ରକ୍ରିୟାକରଣ କରି ବ୍ୟବସାୟୀମାନେ ମୋଟା ରକମର ମୁନାଫା କମାଉଥିବା ବେଳେ ତେନ୍ତୁଳି ସଂଗ୍ରହକାରୀ ଜଳକା ହୋଇ ରହିଛନ୍ତି । ବିଶେଷ କରି ଶୀତଳ ଭଣ୍ଡାର ସୁବିଧା ନଥିବା ଯୋଗୁଁ ତେନ୍ତୁଳି ବାହାର ରାଜ୍ୟକୁ ଚାଲିଯାଉଛି । କଳାହାଣ୍ଡି ଜିଲ୍ଲାରେ ଟିଡିସିସି ମାଧ୍ୟମରେ ୨୦୨୦-୨୧ ମସିହାରେ ୨୨୨୨.୮୮ କ୍ୱିଣ୍ଟାଲ ତେନ୍ତୁଳି ସଂଗ୍ରହ କରାଯାଇ ୮୦ ଲକ୍ଷ ୨ ହଜାର ୩୬୮ ଟଙ୍

୩୭ତମ କୁଦମାନସିଂ ପ୍ରସିଦ୍ଧ ରାହାସ ମେଳା ଓ କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଲଙ୍ଗଳେଶ୍ୱର , ୦୫/୧୨ (ନି.ପ୍ର): ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀ ପଠା କୁଦମାନସିଂ ର ପ୍ରସିଦ୍ଧ ରାହାସ ମେଳା ଏବଂ ମହିଳା ଓ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ।ପୂଜା ଓ ମେଳା ଅବସରରେ ଦୈନନ୍ଦିନ ସଂକୀର୍ତ୍ତନ , ଭଜନ ସନ୍ଧ୍ୟା , ପାଲା ,ପ୍ରବଚନ , ନୃତ୍ୟ ଗୀତ ,ସାଂସ୍କୃତିକ କାର୍ଯ୍ୟକ୍ରମ ,ମେଲୋଡି , ଯାତ୍ରା ଅଭିନୟ ଆଦି କାର୍ଯ୍ୟକ୍ରମ କମିଟି ତରଫରୁ ଅନୁଷ୍ଠିତ ହୋଇଥିଲା ।ମେଳାରେ ରାଧା କୃଷ୍ଣ ଙ୍କ ସାଦୃଶ୍ୟ ମୂର୍ତ୍ତି ,ସାଜ ସଜ୍ଜା ,ଆତସ ବାଜି କାର୍ଯ୍ୟକ୍ରମ ,ମୀନ ବଜାର ,ନାଗର ଦୋଳି ଚଳିତ ବର୍ଷ ମୁଖ୍ୟ ଆକର୍ଷଣ ପାଲଟିଥିଲା । ରାହାସ ଉତ୍ସବ ଉପଲକ୍ଷେ ମହିଳା ଏବଂ ପୁରୁଷ କବାଡ଼ି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । କବାଡି ପୁରୁଷ ବିଭାଗରେ ୧୦ଟି ଦଳ ଏବଂ ମହିଳା ବିଭାଗରେ ୫ଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ ।ପୁରୁଷ କବାଡି ବିଭାଗରେ ଗୁନାପୁର ଦଳକୁ ହରାଇ ବିଷ୍ଣୁପୁର ଦଳ ଚମ୍ପିୟାନ୍ ହୋଇଥିଲେ । ସେହିପରି ମହିଳା ଫାଇନାଲରେ ଭୋଗରାଇ ଦଳକୁ ହରାଇ ସୁବର୍ଣ୍ଣରେଖା କ୍ଲବ, ବାଲିଆପାଳ ଦଳ ଚମ୍ପାୟାନ ଆଖ୍ୟା ଅର୍ଜନ କରିଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ବସ୍ତା ଓ ବାଲିଆପାଳର ସୁଖ ଦୁଃଖର ସାଥି ସୁବାସିନୀ ଜେନା ଯୋଗଦେଇ, ସଭିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ, ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ବିଜୟୀ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କୃଷି ବୈଜ୍ଞାନିକ ପ୍ରଫେସର ଡ. ଅଦୈତ୍ୟ କୁମାର ପାତ୍ର, ଫିଜିକାଲ କଲେଜର ସଂପାଦକ ଡ.ଶ୍ରୀକାନ୍ତ ମିଶ୍ର,ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା ,ବରିଷ୍ଠ ନେତା ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ଦୀର୍ଘ ୧୪ ଦିନ ଧରି କୁଦମାନସିଂ ରାହାସ ମେଳା ଏବଂ ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ଗ୍ରାମର ଅରୁଣ କୁମାର ପାତ୍ର ,ପ୍ରତାପ କୁମାର ପାତ୍ର ,ମହେଶ୍ୱର ଜେନା ,ରଘୁନାଥ ଜେନା ,ସରୋଜ କୁମାର ସାହୁ, ସନ୍ତୋଷ କୁମାର ପାତ୍ର ,ଚିତ ରଞ୍ଜନ ପାତ୍ର, ସୁବୋଧ କୁମାର ପାତ୍ର,ରତ୍ନାକର ଜେନା ,ପୂର୍ଣ୍ଣଚନ୍ଦ୍ର ସାହୁ , ସଂଜୀବ ମହାଳିକ ,ହିମାଂଶୁ ଜେନା ,ଜନ୍ମେଜୟ ମଲ୍ଲିକ ,ଭବସିନ୍ଧୁ ଦାସ, ରଘୁନାଥ ପାତ୍ର ପ୍ରମୁଖଙ୍କ ସମେତ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

ସ୍କର୍ପିଓ କାର୍ ୫୮ କିଲୋ ଗଞ୍ଜେଇ ଜବତ: ୩ ମାଫିଆ ଫେରାର୍

ଜୟପୁର, ୦୫/୧୨ (ନି.ପ୍ର): ବୈପାରିଗୁଡା ପୁଲିସ ଏକ ସ୍କର୍ପିଓ ସହ ୫୮ କିଲୋ ୨ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ବୈପାରିଗୁଡା ଥାନା ଅନ୍ତର୍ଗତ ମାଙ୍କଡି ଗ୍ରାମ ଆଡୁ ମାଛକୁଣ୍ଡ ଦେଇ ଆନ୍ଧ୍ରପ୍ରଦେଶକୁ ଏକ ସ୍କର୍ପିଓ ନମ୍ବର(ଏପି ୨୮ ଡିଏସ ୯୩୬୯) ଯୋଗେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା । ଏହାପରେ ବୈପାରିଗୁଡା ପୁଲିସ ୩ଟି ଟିମ୍ ଗଠନ କରି ମାଙ୍କଡି ଗ୍ରାମ ଅଭିମୁଖେ ବାହାରିଥିଲେ । ପୁଲିସର ୩ଟି ଟିମ୍ ଛପି ଜଗିଥିବା ସମୟରେ ସେହି ରାସ୍ତା ଦେଇ ଆସୁଥିବା ସ୍କର୍ପିଓ ଗାଡିକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ, ପୁଲିସକୁ ଦେଖି ଗଞ୍ଜେଇ ମାଫିଆ ମାନେ ଦ୍ରୁତ ଗତିରେ ସ୍କର୍ପିଓକୁ ନେଇ ମାଛକୁଣ୍ଡ ରାସ୍ତାକୁ ବାହାରିବାକୁ ଚେଷ୍ଟା କରିଥିଲେ । କାରକୁ ପିଛା କରିବା ପରେ ଗଞ୍ଜେଇ ମାଫିଆ ମାନେ ମାଙ୍କଡି ଘାଟି ଉପରେ ସ୍କର୍ପିଓରୁ ଓହ୍ଲେଇ ଅନ୍ଧାରର ସୁଯୋଗ ନେଇ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ । କାରକୁ ଯାଂଚ୍ କରିବା ପରେ ସେଥିରୁ କିଛି ପାଇନଥିବାରୁ ପୁନର୍ବାର ଟିକିନିଖି ଯାଂଚ୍ କଲାପରେ କାରରେ ଏକ ଚୋରା କେବିନ୍ ତିଆରି କରି ସେଥିରେ ଗଞ୍ଜେଇ ରଖିଥିଲେ । କାରକୁ ଜବତ କରିବା ସହ ଥାନାରେ ଆଣି ଅତିରିକ୍ତ ମାଜିଷ୍ଟ୍ରେଟ ଝଦେଶ୍ୱର ସୌରାଙ୍କ ଉପସ୍ଥିତିରେ ଓଜନ କରିବାରୁ ୫୮ କିଲୋ ୨ ଶହ ଗ୍ରାମ ଥିବା ଜଣାପଡ଼ିଥିବା ବୈପାରିଗୁଡା ଥାନା ଆଇଆଇସି ଅନିତା ନାୟକ ସୂଚନା ଦେଇଥିଲେ ।

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡ଼ିଶା ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ପ୍ରତିଭା ସମାରୋହ ଅନୁଷ୍ଠିତ

ବାଲେଶ୍ୱର , ୦୫/୧୨ (ନି.ପ୍ର): ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡ଼ିଶା ପକ୍ଷରୁ ଜିଲ୍ଲା ସ୍ତରୀୟ ଶିଶୁ ପ୍ରତିଭା ସମାରୋହ ରାଜ୍ୟର ପ୍ରଥମ ଥର ପାଇଁ ଗତକାଲି ବାଲେଶ୍ୱର ବଇଞ୍ଚା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ର ରାଜ୍ୟ ସଂଯୋଜକ ଗୌରାଙ୍ଗ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜ୍ୟ ଶିକ୍ଷକ ପ୍ରଶିକ୍ଷିକା ତଥା ପ୍ରାପ୍ତି ର ସଂପାଦିକା ଗୀତାଞ୍ଜଳି ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଶ୍ରୀମତୀ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଏଭଳି କାର୍ଯ୍ୟକ୍ରମ ର ଭୁୟିୟସୀ ପ୍ରଶଂସା କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ରବିନାରାୟଣ ପ୍ରଧାନ, ସଂସ୍ଥାନ ର ଉତ୍ତର କ୍ଷେତ୍ରର ଉପ ସଭାପତି ଲମ୍ବୋଦର ପ୍ରଧାନ,ସମାଜସେବୀ ମିନତୀ ସେଠି ଓ ବନିତା ବାରିକ୍ ବକ୍ତବ୍ୟ ରଖିଥିବା ବେଳେ ଜିଲ୍ଲା ପ୍ରମୁଖ ଦୀପ୍ତିକାନ୍ତ ପାଢ଼ୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସହ ସଂଯୋଜକ ଶମ୍ଭୁନାଥ ଯାଦବ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ସଂଯୋଜକ ରବିନାରାୟଣ ପାତ୍ର, ଜିଲ୍ଲା କମିଟିର ସଦସ୍ୟ ଗୟାଧର କର, ଚିତ୍ତରଞ୍ଜନ ଗିରି ଓ ନିରୀକ୍ଷକ ଭାବେ ଯାଜପୁର ଜିଲ୍ଲା ପ୍ରମୁଖ ଜଗନ୍ନାଥ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବଇଞ୍ଚା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ସଂଜୟ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ର ବିଭିନ୍ନ ପ୍ରାନ୍ତରୁ ୩୦ ରୁ ଉର୍ଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ବିଭିନ୍ନ ବିଭାଗରେ ୩୦୦ ରୁ ଉର୍ଦ୍ଧ ପ୍ରତିଭାଗୀ ମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, ବକ୍ତୃତା, ପ୍ରବନ୍ଧ ଓ ଝୋଟି କୁ ନେଇ ପ୍ରତିଯୋଗିତା କରାଯାଇଥିଲା । ୨୧ ଜଣ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ସଠିକ୍ ମୂଲ୍ୟାୟନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ସଦର ବିଧାୟକ ସ୍ୱରୂପ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମାର୍ଗଦର୍ଶନ କରିଥିଲେ ଓ କୃତୀ ପ୍ରତିଭାଗୀ ମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ । ଶେଷରେ ବଇଞ୍ଚା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ଭାଇଭଉଣୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଡିସେମ୍ବର ୧୫ରୁ ମୟୂରଭଞ୍ଜ ପୁସ୍ତକମେଳା

ବାରିପଦା , ୦୫/୧୨ (ନି.ପ୍ର): ଉତ୍ତର ଓଡ଼ିଶାର ସର୍ବ ବୃହତ ବହିମେଳା ଓ ସାରସ୍ୱତ ପର୍ବ ମୟୁରଭଞ୍ଜ ପୁସ୍ତକମେଳାର ୧୦ମ ସଂସ୍କରଣ ଚଳିତ ଡିସେମ୍ବର ମାସ ୧୫ ରେ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ପଡିଆ ଠାରେ ଚାଲିବ ବୋଲି ଜଣାଯାଇଛି । ପୁସ୍ତକମେଳା କମିଟିର ସଭାପତି ପଦ୍ମନାଭ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ପ୍ରଥମ ପ୍ରସ୍ତୁତି ବୈଠକରେ ବିଭିନ୍ନ ପ୍ରସ୍ତାବମାନ ସଂପାଦକ ମନୋଜ ଦଳବେହେରା ଉପସ୍ଥାପନ କରିଥିବା ବେଳେ, ଆଲୋଚନାରେ ଶରତ ନାୟକ, ଡ. ଅସୀମା ସାହୁ, କାବେରୀ ମିଶ୍ର, ସମରେନ୍ଦ୍ର ବଶା, ଶିଉଲାଲ ମହାନ୍ତ, ଗୋପାଳ ସାଓ, ସସ୍ମିତା ଘୋଷାଲ, ପାର୍ବତୀ ବାରିକ, ବାସନ୍ତୀଲତା ବାରିକ, ବନମାଳୀ ପାତ୍ର, ଅଜିତ କୁମାର କବାଟ, ଜୟନ୍ତ କୁମାର ଦ୍ୱାରୀ, ଅଜିତ ପାଣିଗ୍ରାହୀ, ବୀଣାପାଣି ପଣ୍ଡା, ଆମୋଦ ପ୍ରଧାନ, ଅଜୟ କୁମାର ପାଳ, ଗୋକୁଳଚନ୍ଦ୍ର ଦାସ, ଶଙ୍କର ଜେନା, ନୃସିଂହ ଚରଣ ମହାନ୍ତି, ହିମାଂଶୁ ଶେଖର ଦାସ, ପିତାମ୍ବର ମଲ୍ଲିକ, ଅଶ୍ୱିନୀ କୁମାର ସେନାପତି, ବସୁନ୍ଧରା ଭୋଇ ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଚଳିତ ବର୍ଷର ପୁସ୍ତକମେଳା ଓଡ଼ିଶା ସରକାରଙ୍କ ମାନ୍ୟବର ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ବାରିପଦା ପୌର ପରିଷଦର ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ମାର୍ଗଦର୍ଶନରେ ଆୟୋଜିତ ହେବାକୁ ସ୍ଥିର ହୋଇଥିବା ବେଳେ, ଚଳିତ ପୁସ୍ତକମେଳାକୁ ପୂର୍ବ ବର୍ଷ ଭଳି ରାଜ୍ୟ ତଥା ରାଜ୍ୟ ବାହାରର ନାମୀଦାମୀ ପୁସ୍ତକ ବିକ୍ରେତା ଆସିବେ ବୋଲି ସୂଚନା ଦିଆଯାଇଛି । ପରିଶେଷରେ କୋଷାଧକ୍ଷ କୈବଲ୍ୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ନିଆରାଢଙ୍ଗରେ ପାଳିତ ହେଲା ଛାତ୍ରାବାସରେ ସାମୂହିକ ପ୍ରଥମାଷ୍ଟମୀ

ବଡସାହି, ୦୫/୧୨ (ନି.ପ୍ର): ପିତାମାତାଙ୍କ ପ୍ରଥମ ସନ୍ତାନ ଦେବଦେବୀଙ୍କ ପ୍ରସାଦ ସ୍ୱରୂପ । ଏହି ପ୍ରଥମ ଗର୍ଭର ସନ୍ତାନମାନଙ୍କୁ ଉତ୍କଳରେ କୁହାଯାଏ ପୋଡୁଆଁ ପିଲା । ସେହି ପୋଡୁଆଁ ମାନଙ୍କର ପର୍ବ ପ୍ରଥମାଷ୍ଟମୀ । ଓଡିଆ ସଂସ୍କୃତିରେ ପୋଡୁଆଁ ମାନେ ମମୁଁ ଘର ପ୍ରଦତ ନୂତନ ବସ୍ତ୍ର ପିନ୍ଧିବା ଓ ହଳଦୀପତ୍ରରେ ପିଠା ଖାଇବା ପରଂପରା କେଉଁ ଅନାଦିକାଳରୁ ରହି ଆସିଛି । ଜଣାଯାଏ ମାମୁଁ ଘର ନୂତନ ବସ୍ତ୍ର ପିନ୍ଧିଲେ ମାମୁଁ ମାଇଁଙ୍କ ଅନ୍ତେ ସେମାନଙ୍କୁ ପିଣ୍ଡ ଦେବାର ଅଧିକାର ଏହି ପ୍ରଥମାଷ୍ଟମୀରୁ ପୋଡୁଆଁ ମାନେ ପାଇଥାନ୍ତି । ଅନ୍ୟପକ୍ଷରେ ହଳଦୀ କୃମୀ ନାଶକ ହୋଇଥିବାରୁ ହଳଦୀପତ୍ରର ପିଠାରେ ହଳଦୀର ଗୁଣ ଥିବାରୁ ପୋଡୁଆଁ ପିଲା ମାନେ କୃମି ରୋଗ ଭୋଗନ୍ତି ନାହିଁ ବୋଲି କିମ୍ବଦନ୍ତି କହେ ବୋଲି ସାମୁହିକ ପ୍ରଥମାଷ୍ଟମୀ ପାଳନ ସମାରୋହ ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଡକ୍ଟର ସୁଧାଂଶୁ ଶେଖର ପ୍ରଧାନ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ବିବେକାନନ୍ଦ ବିହାରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଛାତ୍ରାବାସରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠାନର ଜେଜେମାଆ ନିଶାମଣି ରାଉତଙ୍କ ସଭାପତିତ୍ୱରେ ସାମୂହିକ ପ୍ରଥମାଷ୍ଟମୀ ପାଳନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ମଧୁମିତା ସାହୁ, ଦିପକ ଦାସ ଓ କୁଆଁର ଦାସବାବୁ ବକ୍ତାଭାବରେ ଯୋଗଦାନ କରି ଏହି ମହାନ ପରଂପରାର ଆଭିମୁଖ୍ୟ ସଂପର୍କରେ ପିଲାମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଆରତି ମହାକୁଡ, ରତନ ବେହେରା, ଦୁର୍ଯ୍ୟଧନ ମହାନ୍ତ, ମାଧବାନନ୍ଦ ଉପାଧ୍ୟାୟ, ଜିତୁରାମ ହାଁସ୍‌ଦାଃ ଓ ଗୋପିନାଥ ନାୟକ ଆଦି ଯୋଗ ଦାନ କରି ତାଙ୍କ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କର ଦୀର୍ଘାୟୁ କାମନା କରିଥିଲେ । ଛାତ୍ରାବାସର ୧୮୬ଜଣ ଛାତ୍ରଛାତୀଙ୍କ ମଧ୍ୟରୁ ୨୭ଜଣ ଛାତ୍ର ଓ ୧୫ଜଣ ଛାତ୍ରୀ ପଡୁଆଁ ଭାବେ ଏହି ଉତ୍ସବରେ ଯୋଗଦାନ କରିଥିଲେ । ଚଳିତ ବର୍ଷ ଶିକ୍ଷା କେନ୍ଦ୍ରର ପ୍ରଧାନଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଯୋଗଦାନ କରି ପିଲାମାନଙ୍କୁ ନୂତନ ବସ୍ତ୍ର ପିନ୍ଧାଇବା ସହିତ ପିଠା ଓ ମିଠା ଖୁଆଇଥିଲେ । ସଂଧ୍ୟା ଅପା, ବୃନ୍ଦାବତୀ ଗୁରୁମା, ଭାଗ୍ୟଶ୍ରୀ ଗୁରୁମା, ବାସନ୍ତି ଗୁରୁମା ପିଲାମାନଙ୍କୁ ବନ୍ଦାପନା କରିବା ସହିତ ବଡି ବାହାଘର କରିଥିଲେ । କାର୍ଯ୍ୟକ୍ରମକୁ ଶୁଭଜିତ୍ ଶୁଭଙ୍କର ପରିଚାଳନା କରିଥିଲେ । ପରେପରେ ଛାତ୍ରଛାତ୍ରୀ ମାନେ ପୋଡୁଆଁ ମାନଙ୍କୁ ପିଠାଖୁଆଇ ଖୁସି କରାଇଥିଲେ ଏବଂ ଶତାଧିକ ପିତାମାତା ଉପସ୍ଥିତ ରହି ପିଲାମାନଙ୍କୁ ଆର୍ଶିବାଦ ପ୍ରଦାନ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଲ୍ୟାଣ୍ଡଫଲ କଲା...

ବାତ୍ୟା ମିଗଜୋମ ପ୍ରଭାବରେ ତାମିଲନାଡୁ ପରେ ଆନ୍ଧ୍ର ସହ ତେଲେଙ୍ଗାନା ଓ ଓଡିଶାରେ ବାତ୍ୟାର ପ୍ରଭାବ ଦେଖିବାକୁ ମିଳିଛି । ତେଲେଙ୍ଗାନା ଓ ଦକ୍ଷିଣ ଓଡିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ଆରମ୍ଭ ହୋଇଛି । ତେବେ ଏହାର ମୁକାବିଲ ପାଇଁ ରାଜ୍ୟ ସରକାରମାନଙ୍କ ପକ୍ଷରୁ ପ୍ରସ୍ତୁତ ରହିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ବାତ୍ୟାକୁ ନଜରରେ ରଖି ଆନ୍ଧ୍ରପ୍ରଦେଶ ଦେଇ ଯାତାୟତ କରୁଥିବା ପ୍ରାୟ ୧୦୦ଟି ଟ୍ରେନ୍ସ ବାତିଲ କରାଯାଇଛି । ସେହିପରି ଭାଇଜାଗ, ବିଜୟୱାଡା ଓ ତିରୁପତି ବିମାନବନ୍ଦରରୁ ଉଡୁଥିବା ୫୦ଟି ବିମାନକୁ ବାତିଲ କରାଯାଇଛି । ମୁଖ୍ୟମନ୍ତ୍ରୀ ଜଗନ୍ନ ରେଡ୍ଡୀ ନିଜେ ବାତ୍ୟା ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି । ତଥାପି ବାତ୍ୟାରେ ୯ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି ।

ଅଡୁଆରେ ତିର୍ତ୍ତୋଲ...

ଏହା ପରେ ସୋମାଲିକା, ପ୍ରତ୍ୟୁଷାଙ୍କ ବିବାହ ନେଇ ପ୍ରମାଣ ଦାଖଲ କରିଥିଲେ । କଟକ ବିବାହ ପଞ୍ଜୀକରଣ ଅଧିକାରୀ ତଥ୍ୟ ପ୍ରମାଣକୁ ଯାଞ୍ଚ କରିବା ସହିତ ବିଜୟ ଶଙ୍କର ଓ ପ୍ରତ୍ୟୁଷାଙ୍କ ସ୍ୱାମୀଙ୍କୁ ହାଜର ପାଇଁ ନୋଟିସ୍ କରିଥିଲେ । ମାତ୍ର ବିଜୟ ଶଙ୍କର ହାଜର ହୋଇନଥିଲେ । ହେଲେ ପ୍ରତ୍ୟୁଷାଙ୍କ ସ୍ୱାମୀ ହାଜର ହୋଇ ପ୍ରମାଣ ଦେଖାଲ କରିଥିଲେ । ବିବାହ ପରେ ଛାଡ଼ପତ୍ର ହୋଇଥିବା ପ୍ରତ୍ୟୁଷାଙ୍କ ସ୍ୱାମୀ କହିଥିଲେ । ସୋମାଲିକା ଓ ପ୍ରତ୍ୟୁଷାଙ୍କ ସ୍ୱାମୀଙ୍କ ପ୍ରମାଣ ଆଧାରରେ ଆଜି କଟକ ବିବାହ ପଞ୍ଜୀକରଣ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ପ୍ରତ୍ୟୁଷାଙ୍କୁ ବିଜୟ ଶଙ୍କର ଏବେ ବିବାହ କରିପାରିବେନାହିଁ ବୋଲି ଶୁଣାଇ ଦେଇଛନ୍ତି । ବିବାହ ପାଇଁ ଆବେଦନ ପତ୍ରରେ ତ୍ରୁଟି ଦର୍ଶାଇ ଖାରଜ କରିଦେଇଛନ୍ତି । ଆବେଦନ ପତ୍ରରେ ପ୍ରତ୍ୟୁଷା ଅବିବାହିତ ବୋଲି ଦର୍ଶା ଯାଇଥିଲା । ମାତ୍ର, ପ୍ରତ୍ୟୁଷା ବିବାହ କରି ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଛନ୍ତି ।

ମିଜୋରମରେ ହେବେ ଆଗାମୀ....

ପାଠପଢାରେ ବେଶ ଧୁରନ୍ଧର ଥିବାରୁ ଉଚ୍ଚଶିକ୍ଷା ଗ୍ରହଣ ପରେ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ । ସଚ୍ଚୋଟତା ପାଇଁ ତତକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଧ୍ୟାନ ଆକର୍ଷଣ କରିଥିଲେ ଲାଲଦୁହୋମା । ୧୯୮୨ ମସିହାରେ ଦିଲ୍ଲୀ ସ୍ଥାନାନ୍ତର ହେବା ସହ ଇନ୍ଦିରାଙ୍କ ମୁଖ୍ୟ ସୁରକ୍ଷା ଦାୟିତ୍ୱରେ ରହିଲେ । ୧୯୮୪ ମସିହାରେ ଆଇପିଏସ ଅଧିକାରୀରୁ ଅବସର ନେବା ପରେ କଂଗ୍ରେସରେ ଯୋଗ ଦେଇଥିଲେ । ମିଜୋରାମରେ ଗତ ୩୬ ବର୍ଷର ଧାରା ଭାଙ୍ଗିଛି । ୩ ଦଶନ୍ଧିରୁ ଅଧିକ ସମୟ ଧରି କଂଗ୍ରେସ ଓ ମିଜୋ ନ୍ୟାସନାଲ ଫ୍ରଣ୍ଟ ହାତରେ ମିଜୋରାମର କ୍ଷମତା ରହିଆସୁଥିଲା । ଏଥର କିନ୍ତୁ ପ୍ରଥମ ପଦାର୍ପଣରେ ବାଜି ମାରି ନେଇଛି ଜେଡ୍ପିଏମ ଅର୍ଥାତ ଜୋରାମ ପିପୁଲ୍ସ ମୁଭମେଂଟ । ୪୦ ସଦସ୍ୟ ବିଶିଷ୍ଟ ମିଜୋରାମ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ୨୭ଟି ଆସନ ଜିତି ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି ଜେଡ୍ପିଏମ । ଆଉ ପ୍ରଥମଥର ପାଇଁ ମିଜୋରାମ ମୁଖ୍ୟମନ୍ତ୍ରୀ ଆସନରେ ବସିବାକୁ ଯାଉଛନ୍ତି ଦଳର ମୁଖ୍ୟ ଲାଲଦୁହୋମା

ରେବନ୍ତ ରେଡ୍ଡୀ ହେବେ...

ଚଳିତଥର ସେ ଦୁଇଟି ସ୍ଥାନରୁ ବିଧାୟକ ଆସନ ପାଇଁ ଲଢ଼ିଥିବା ବେଳେ ଗୋଟିଏରେ ବିଜୟୀ ହୋଇଥିଲେ ଏବଂ ଆଉ ଗୋଟିଏରେ ପରାସ୍ତ ହୋଇଥିଲେ । ନିର୍ବାଚନ ଜିତିବା ପରେ ସମର୍ଥକ ତାଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ କରିବାକୁ ଅଡ଼ି ବସିଥିଲେ । ଆଉ ହାଇକମାଣ୍ଡ ମଧ୍ୟ ରେବନ୍ତଙ୍କ ନାଁ ଉପରେ ମୋହର ମାରିଛନ୍ତି । ତେବେ କଂଗ୍ରେସ ରାଷ୍ଟ୍ରୀୟ

ବୁଧବାର, ଡିସେମ୍ବର ୦୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଆଥ୍‌ଲେଟିକ୍‌ରେ ଚମ୍ପିୟାନ ହେଲେ ଦେବଯାନୀ

ଭଦ୍ରକ, ୦୫/୧୨ (ନି.ପ୍ର): ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଦୀର୍ଘ ୪ଦିନ ବ୍ୟାପି 'ନୂଆ-ଓ ଯୁବ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ନୂଆ-ଓ ଯୁବ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର +୨ ପ୍ରଥମ ବର୍ଷ (କଳା)ଛାତ୍ରୀ ଦେବଜାନୀ ସାହୁ ୨୦୦ମିଟର, ୪୦୦ମିଟର, ୮୦୦ମିଟର ଓ ୧୫୦୦ମିଟରରେ ଦୌଡ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଚମ୍ପିୟାନ ହୋଇଛନ୍ତି ଏବଂ ମହିଳା ବାସ୍‌କେଟ ବଲ୍‌ରେ ଟିମକୁ ଚମ୍ପିୟାନ କରାଇଛନ୍ତି । ଦେବଯାନୀ ଏକବର୍ଷ କାଳ ଗୁରୁ କାମାକ୍ଷା ପ୍ରସାଦ ନାୟକଙ୍କ ପାଖରୁ ଆଥ୍‌ଲେଟିକ୍ ପ୍ରଶିକ୍ଷଣ ନେଉଥିଲେ । ଦେବଜାନୀଙ୍କ ଚମ୍ପିୟାନ ହାସଲକୁ ନେଇ ଭଦ୍ରକରେ ବହୁ କ୍ରୀଡା ପ୍ରେମୀଙ୍କର ଶୁଭେଚ୍ଛା ସୁଅ ଛୁଟିଛି । ପ୍ରକାଶ ଥାଉକି, କୁଆଁସ ଗ୍ରାମର ଜଗନ୍ନାଥବିହାର କଲୋନୀର ବାସିନ୍ଦା (ପିତା) ସୁଫଳ ସାହୁ ଓ (ମାତା) ରଞ୍ଜିତା ସାହୁଙ୍କ ସୁପୁତ୍ରୀ ଅଟନ୍ତି । ଦେବଯାନୀ ଆଗକୁ ଅଲମ୍ପିକରେ ଭାଗନେବାପାଇଁ ଆଶା ପ୍ରକାଶ କରିଛନ୍ତି ।

ବାଲ୍ୟ ବିବାହ ନିରାକରଣ ଶୀର୍ଷକ ଆଲୋଚନା ଚକ୍ର

ଭଦ୍ରକ, ୦୫/୧୨ (ନି.ପ୍ର): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା ପ୍ରଶାସନ ଓ ସୋସାଇଟି ଫର ଉଇକର କମ୍ୟୁନିଟି(ଆସିଆନା) ମିଳିତ ସହଯୋଗରେ ୧୬ଦିନିଆ ମହିଳା ହିଂସା ବିରୋଧି ଅଭିଯାନର ୧୦ମ ଦିବସରେ ବାଇପାସ ସ୍ଥିତି ଆସିଆନା ସଭା ଗୃହରେ ବାଲ୍ୟ ବିବାହ ନିରାକରଣ ଶୀର୍ଷକ ଆଲୋଚନା ହୋଇଯାଇଛି । ଜିଲ୍ଲା ବାଲ୍ୟ ବିବାହ ସଂଯୋଜକ ଅସିମ ଅମିତାଭ ଦାସ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଅମର ବାରିକ, ଆଇନ୍‌ଜୀବୀ ଆସରଫ ଅଲ୍ଲୀ ଖାନ୍, ଆସିଆନାର ସମ୍ପାଦିକା ସୋଫିଆ ସେକ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ

ନୀରାକରଣ ଆଇନ୍ ୨୦୦୬, ପିସି-ପିଏନଡିଟି ଆକ୍ଟ ବିସ୍ତୃତ ଭାବେ ଆଲୋଚନା କରିବା ସଂଗେ ସଂଗେ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବାପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୋବାନା ସେକ୍, ପରାମର୍ଶ ଦାତ୍ରୀ ଅନିମା ପଣ୍ଡା, ମାନବ ସେବା କନ୍ୟାଆଶ୍ରମର ସୁପରିଟେନ୍‌ଣ୍ଡ ଦିଗନ୍ତ ବେହେରା, ଆସିଆନା ଓପନ୍ ସେଲ୍‌ଟରର ହୋମ୍ ସମ୍ବିତ ମହାନ୍ତି, ସାମାଜିକ ଭାଗ୍ୟଶ୍ରୀ ମହାକୁଡ, ଅଙ୍ଗନୱାର୍ଡ କର୍ମୀ, ଆଶାକର୍ମୀ, ଓପନ୍ ସେଲ୍‌ଟରର ଅନ୍ତେବାସିନୀ ମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଆସିଆନାର ସଂଯୋଜକ ରିଆଜ ଅହମ୍ମଦ ପରିଚାଳନା କରିଥିଲେ ।

ଡିସେମ୍ବର ୯ରୁ ୧୨ ତାରିଖ ଚିନ୍ମୟ ମିଶନର ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ

ବାଲେଶ୍ୱର, ୦୫/୧୨ (ନି.ପ୍ର): ଚିନ୍ମୟ ମିଶନର ବାଲେଶ୍ୱର ଶାଖା ପକ୍ଷରୁ ଆସନ୍ତା ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ମୋତିଗଞ୍ଜ ବଜାରସ୍ଥିତ ରାଜସ୍ଥାନ ଭବନରେ ଜ୍ଞାନଯଜ୍ଞ (ପ୍ରବଚନ) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତିଦିନ ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଏକ ଘଣ୍ଟା ପାଇଁ ଧ୍ୟାନସିଦ୍ଧାନ୍ତ ଅଭ୍ୟାସ ଯୋଗ ଓ ସନ୍ଧ୍ୟା ୬ଟା ୩୦ରୁ ୮ଟା ପର୍ଯ୍ୟନ୍ତ 'ପ୍ରେମ ରହସ୍ୟ (ନବଧା ଭକ୍ତି), ଭକ୍ତି କ'ଣ ଓ କେତେ ପ୍ରକାର ? ଶ୍ରେଷ୍ଠ ଭକ୍ତି କ'ଣ ? ଭଗବାନ କିଏ ? ପାରିବାରିକ ସମ୍ପର୍କକୁ କିପରି ଉନ୍ନତ କରିପାରିବା ? କାର୍ଯ୍ୟକ୍ଷେତ୍ରରେ ସଫଳତା କିପରି ମିଳିବ ? ମାନସିକ ଚାପରୁ କିପରି ମୁକ୍ତ ହେବା' ପ୍ରଭୃତି ସମସ୍ୟା ଓ ସମାଧାନ ଉପରେ କୋଏମ୍ବାଟୁର (ତାମିଲନାଡୁ) ଆଚାର୍ଯ୍ୟା ପ୍ରବକ୍ତା ସ୍ୱାମୀନୀ ବିମଳାନନ୍ଦା ସରସ୍ୱତୀ ଭାରତୀୟ ସଂସ୍କୃତି ଆଧାରରେ ତାଙ୍କର ମୂଲ୍ୟବାନ ବକ୍ତବ୍ୟ ରଖିବେ । ପ୍ରବକ୍ତା ସ୍ୱାମିନୀ ଇଂଜିନିୟରିଂ ଡିଗ୍ରୀ ପ୍ରାପ୍ତ କରିବା ପରେ ଗୁରୁଦେବ ସ୍ୱାମୀ ଚିନ୍ମୟାନନ୍ଦଜୀଙ୍କର ଜଣେ ପ୍ରମୁଖ ଶିଷ୍ୟା ଥିଲେ । ଚିନ୍ମୟ ମିଶନର ବେଦାନ୍ତ ପାଠ୍ୟକ୍ରମରେ ସେ ଶିକ୍ଷାସମାପ୍ତ ପରେ ଦୀର୍ଘ ୨୫ ବର୍ଷ ଧରି ଦେଶ ଓ ବିଦେଶରେ ଏହି ଆଧ୍ୟାତ୍ମିକ ଶିକ୍ଷାପ୍ରଦାନ କରିଆସୁଛନ୍ତି । ତେଣୁ ବାଲେଶ୍ୱରର ଜନସାଧାରଣ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ମିଶନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହ ସମ୍ମୁଖରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି । ସାମ୍ବାଦିକମାନଙ୍କୁ ଏହି ଭବ୍ୟ କାର୍ଯ୍ୟକ୍ରମ ସଂପର୍କରେ ବାଲେଶ୍ୱର ଚିନ୍ମୟ ମିଶନର ସଭାପତି ଡ. କ୍ଷିତୀଶ୍ୱର ଦାଶ, ଆଚାର୍ଯ୍ୟ ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ, ଉପସଭାପତି ଅକ୍ଷୟ କୁମାର ତ୍ରିପାଠୀ, ସଂପାଦକ ଦିବାକର ମହାପାତ୍ର, ସଂଯୋଜକ ଡାକ୍ତର ଗଣେଶ ଚନ୍ଦ୍ର ପରିଡ଼ା ଓ କୋଷାଧ୍ୟକ୍ଷ ଗଙ୍ଗାଧର ପୃଷ୍ଟି ପ୍ରମୁଖ ଅବଗତ କରାଇଥିଲେ । ଚିନ୍ମୟ ମିଶନର ସଦସ୍ୟ ଇଂ. ବନମାଳୀ ନାୟକ, ପ୍ରଫୁଲ୍ଲ କୁମାର ଦାସ, ଡ. ବେଣୁମାଧବ ଶତପଥୀ, ବସନ୍ତ କୁମାର ନାୟକ, ରବିନାରାୟଣ ଭୋଳ, ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

କାଠ ଚୋରାଚାଲାଣ ବେଳେ ମାଡ଼ି ବସିଲା ବନବିଭାଗ: ଡ୍ରାଇଭର ଗିରଫ

ନୀଳଗିରି , ୦୫/୧୨ (ନି.ପ୍ର): ସୋମବାର ରାତ୍ରୀ ପ୍ରାୟ ୯.୩୦ମିନିଟ ସମୟରେ ଏକ ଧଳା ରଙ୍ଗର ପିକ୍ ଅପ୍ ଗାଡ଼ି ନମ୍ବର ଓ. ଆର -୦୧ଡି -୯୦୮୧ରେ ୮ଖଣ୍ଡ ଆମ୍ବ ଗଣ୍ଡି ଓ ୧୧ଖଣ୍ଡ ତୁତୁରା ଗଣ୍ଡି ବୋଝେଇ କରି ସୋମନାଥପୁର ରାସ୍ତାରେ ଯାଉଥିବା ସମୟରେ ସୋମନାଥପୁର ଗ୍ରାମ ନିକଟରେ ବନବିଭାଗ କର୍ମଚାରୀ ମାନଙ୍କ ଦ୍ୱାରା କାଠ ବୋଝେଇ ପିକଅପ୍‌କୁ ଜବତ କରାଯାଇ ଜାମୁଡିହା ସ୍ଥିତ ନର୍ସରୀକୁ ନିଆଯାଇଛି । ଜବତ ଗାଡ଼ି ଓ କାଠର ଆନୁମାନିକ ମୂଲ୍ୟ ଏକଲକ୍ଷ ଟଙ୍କା ହେବ ବୋଲି ବିଭାଗ ସୂଚନା ଦେଇଛି । ଏହି ଚଢ଼ାଉରେ ନୀଳଗିରି ରେଞ୍ଜ ଅଧିକାରିଣୀ ଅଇସା. ଏ. ନିଶା, ନୀଳଗିରି ଫରେଷ୍ଟର, ମିତ୍ରପୁର ଫରେଷ୍ଟର, ମିତ୍ରପୁର ଫରେଷ୍ଟ ଗାର୍ଡ ଓ ସବୁଜ ବାହିନୀ ସାମିଲ ଥିବା ବେଳେ ଡ୍ରାଇଭରକୁ ଆରେଷ୍ଟ କରାଯାଇ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ମାଳତୀ': ସରକାରୀ ବିଦ୍ୟାଳୟ ନେଲେ ନାହିଁ ଆଡ଼ମିସନ, ଚାଟଶାଳୀ ଥିଲା ଏକ ମାତ୍ର ଭରସା

ଉଦଳା , ୦୫/୧୨ (ନି.ପ୍ର): ଯେ ହେଉଛି କସ୍ତିପଦା ବ୍ଲକର ଜେ.ଏସ୍.ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଇଟାଗଡ଼ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଦାସ ହାଁସଦା ଓ ମାତା ହିରା ହାଁସଦାଙ୍କ କନ୍ୟା 'ମାଳତୀ' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଛି । ଘଟଣା ସଂପର୍କରେ ଜାଣିବାକୁ ଚାହିଁବାରୁ ଦାସ ହାଁସଦା କହିଲେ ମୋର ଝିଅ ମାଳତୀ ଗ୍ରାମରେ ଥିବା ଇଟାଗଡ଼ ସେବାଶ୍ରମରେ ପ୍ରଥମ ଶ୍ରେଣୀରେ ପଢୁଥିଲା । କିଛିଦିନ ପରେ ପ୍ରଧାନ ଶିକ୍ଷକ କହିଲେ, ଝିଅର ଆଧାର କାର୍ଡ଼ ଆଣ, ନହେଲେ ନାମ ଲେଖା ଯାଇପାରିବ ନାହିଁ । ବିଦ୍ୟାଳୟରେ ନାମ ନ ଲେଖାଇଲେ ଆମେ ଆଉ ତାକୁ ବିଦ୍ୟାଳୟ ଆସିବାକୁ ଦେବୁ ନାହିଁ ବୋଲି ରୋକ ଠୋକ ମନା କରି ବିଦା କରିଦେଲେ । ଝିଅର ଆଧାରକାର୍ଡ଼ ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିଲା ନାହିଁ । ପରେ କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିଲା । ବାରମ୍ବାର ଲକ ଡ଼ାଉନ୍, ସଟଡ଼ାଉନ୍ ଯୋଗୁଁ ଯାତାୟତ ମଧ୍ୟ ଠପ୍ ହୋଇଗଲା । ଏତିକି ବେଳେ ଜନଜାଗୃତି ମଂଚ ତରଫରୁ ଖୋଲା ଯାଇଥିବା ଚାଟ ଶାଳୀରେ 'ମାଳତୀ' ପାଠ ପଢ଼ିଲା । ଦିର୍ଘ ଦିନ ପରେ ଏବେ ଝିଅର ଆଧାର କାର୍ଡ଼ ଆସିଲା । ଝିଅ ଚାଟଶାଳୀରେ ପାଠ ପଢୁଥିବାରୁ ତାର ବର୍ତମାନ ସପ୍ତମ ଶ୍ରେଣୀର ଦକ୍ଷତା ରହିଛି । କିନ୍ତୁ 'ମାଳତୀ' ଆଦୌ ପାଠ ପଢ଼ିନଥିବାର କଥା ସରକାରୀ କାଗଜପତ୍ର କହୁଛି । ତେବେ ଝିଅକୁ ସାଙ୍ଗରେ ନେଇ ଆଧାର କାର୍ଡ଼ ଧରି ପୁଣିଥରେ ପିତା ଦାସ ହାଁସଦା ଗ୍ରାମ ନିକଟରେ ଥିବା ଚକ୍ରଧରପୁର ଉଚ୍ଚ ବିଦ୍ୟାଳୟକୁ ନାମ ଲେଖାଇବାକୁ ଯାଇଥିଲେ । କିନ୍ତୁ ଏଠାରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ଦେଖି, ଝିଅର ବୟସ ୧୪ ପୁରି ୧୫ ଚାଲିଲାଣି ତେଣୁ ଆମେ ଆଉ ତାକୁ ବିଦ୍ୟାଳୟରେ ନାମ ଲେଖାଇବୁ ନାହିଁ ବୋଲି କହି ପଠାଇଦେଲେ । ଏହିଭଳି ଭାବରେ ଆଧାର କାର୍ଡ଼ ନଥିବା ଯୋଗୁଁ ଇଟାଗଡ଼ ସେବାଶ୍ରମ ଓ ଆଧାର କାର୍ଡ଼ ଥିବା ଯୋଗୁଁ ଚକ୍ରଧରପୁର ଉଚ୍ଚ ବିଦ୍ୟାଳୟ ମାଳତୀର ନାମ ନଲେଖାଇ ଫେରାଇ ଦେଇଥିବାର ଜଣା ଯାଇଛି । ଝିଅର ପାଠ ପଢ଼ା ପ୍ରତି ଆଗ୍ରହ ରହିଛି । ଏତିକି ବେଳେ ଜନଜାଗୃତି ମଂଚର ସ୍ୱେଚ୍ଛାସେବୀ ରାମାୟ ମୁର୍ମୁ ଓ ଚାଟଶାଳୀ ଶିକ୍ଷକ ଭଜନନ୍ଦ ହେମ୍ବ୍ରମ, ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ମାଳତୀର ପାଠ ପଢ଼ାର ବ୍ୟବସ୍ଥା କରନ୍ତୁ ବୋଲି ଦାବି ଜଣାଇଛନ୍ତି । ଆଧାର କାର୍ଡ଼ ପାଇଁ ଏହିଭଳି ବହୁ ପିଲା ପାଠ ପଢ଼ା ଛାଡ଼ି ଦେବାକୁ ବାଧ ହୋଇଥିବାର ଶୁଣିବାକୁ ମିଳୁଛି ।

ଭାରତର ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଲଖବୀର ରୋଡେ ପାକିସ୍ତାନରେ ମୃତ

ଚଣ୍ଡିଗଡ଼, ୦୫/୧୨: ଭାରତର ବହୁ ଚର୍ଚ୍ଚିତ ଆତଙ୍କବାଦୀ ସଂଗଠନ ଖାଲିସ୍ତାନ ମୁକ୍ତି ବାହିନୀର ମୁଖ୍ୟ ଲଖବୀର ସିଂହ ରୋଡେ ଆଉ ନାହାଁନ୍ତି । ଜର୍ଣ୍ଣେଲ ସିଂହ ଭୀଡରାଓ୍ୱାଲେଙ୍କ ପ୍ରକୃତ ସମ୍ପର୍କୀୟ ରୋଡେ ପାକିସ୍ତାନରେ ଦେହାନ୍ତ ହୋଇଛି । ଡିସେମ୍ବର ୨ ତାରିଖ ରାତିରେ ତାଙ୍କର ଦେହାନ୍ତ ହୋଇଛି । ଜସବୀର ସିଂହ ରୋଡେ କହିଛନ୍ତି ଯେ ପାକିସ୍ତାନରେ ଲଖବୀରଙ୍କ ମୃତ୍ୟୁ ହୋଇଥିବା ତାଙ୍କ ଭାଇଙ୍କ ପୁଅ ତାଙ୍କୁ ସୂଚନା ଦେଇଛନ୍ତି । ନିକଟରେ ପଞ୍ଜାବର ସୁରକ୍ଷା ଏଜେନ୍ସିମାନେ ପ୍ରକାଶ କରିଛନ୍ତି ଯେ ରୋଡେ ପ୍ରାୟ ୭୦ ଟି ସ୍ନିପର ସେଲ ପ୍ରସ୍ତୁତ କରିଛି । ଗୋଟିଏ ସେଲରେ ଦୁଇ-ତିନି ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ତେବେ କିଛି ମାସ ପୂର୍ବରୁ ଲଖବୀର ସିଂହ ରୋଡେଙ୍କ ମୃତ୍ୟୁ ଖବର ମଧ୍ୟ ଆସିଥିଲା । ତା'ପରେ ସେ ଜୀବନ୍ତ ବୋଲି ଦାବି କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ।

ଜେଏମଏମ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

ବାରିପଦା , ୦୫/୧୨ (ନି.ପ୍ର): ଆଜି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ନିକଟ ଅତୀତରେ ଓଡିଶା ସରକାର ଜନଜାତି ଜମିକୁ ଅଣ ଜନଜାତି ବ୍ୟକ୍ତିଙ୍କୁ ବିକ୍ରୟ କରିବା ପାଇଁ ରେଗୁଲେସନ-(୨) ୧୯୫୬ ନିୟମରେ ପରିବର୍ତ୍ତନ କରିବା ପାଇଁ କ୍ୟାବିନେଟ ମଞ୍ଜୁରୀ ଦେଇଥିବାରୁ ଏହି କ୍ୟାବିନେଟ ନିଷ୍ପତିକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ପାଇଁ ଏକ ବିଶାଳ ଶୋଭାଯାତ୍ରାରେ ଆସି ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲା ପାଳଙ୍କ ମାଧ୍ୟମରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ମୟୁରଭଞ୍ଜ ଜିଲ୍ଲା ଭାରତୀୟ ସମ୍ବିଧାନ ମୁତାବକ ପଞ୍ଚମ ଅନୁସୂଚିତ ଅଞ୍ଚଳ ହୋଇଥିବାରୁ ଯେକୌଣସି ପ୍ରକଳ୍ପ ବା ଆଇନ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମସଭାର ମଞ୍ଜୁରୀ ନେବା ବାଧ୍ୟତା ମୂଳକ ହୋଇଥିବା ବେଳେ, ରାଜ୍ୟ ସରକାର ମନମାନି ପ୍ରଦର୍ଶନ କରୁଥିବାରୁ ଏହି ଆଦିବାସୀ ବିରୋଧୀ କ୍ୟାବିନେଟ ନିଷ୍ପତି କୁ ସମ୍ପୂର୍ଣ୍ଣ ରଦ୍ଦ କରାଯିବା ପାଇଁ ହସ୍ତକ୍ଷେପ କରିବାକୁ ଦାବୀ କରିଛନ୍ତି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜେଏମଏମର ରାଜ୍ୟସଭାପତି ଅଞ୍ଜନୀ ସୋରେନ, ରାଜ୍ୟ ସଂଗଠନ ସମ୍ପାଦକ ଦୁବରାଜ ନାଗ, ରାଜ୍ୟ ଉପସଭାପତି ଦିଲ୍ଲୀପ ଦାସ, ରାଜ୍ୟ ମୁଖପାତ୍ର ଶିବାଜୀ ମୌଳିକ, ସାଲ କିସ୍କୁ, ମିନା ସୋରେନ, ଆକାଶ ସିଂ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ନେତା ଓ କର୍ମୀ ଯୋଗ ଦେଇଥିଲେ । ଦାବିପତ୍ରର ନକଲ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ରଘୁବର ଦାସଙ୍କୁ ମଧ୍ୟ ପ୍ରଦାନ କରାଯାଇଛି. ତେବେ ଏହି ଆଦିବାସୀ କ୍ୟାବିନେଟ ନିଷ୍ପତିକୁ ସରକାର ସମ୍ପୂର୍ଣ୍ଣ ପତ୍ୟାହାର ନକଲେ ଆଗାମୀ ଦିନରେ ଜେଏମଏମ ବ୍ୟାପକ ଆନ୍ଦୋଳନ କରିବ ବୋଲି କୁହାଯାଇଛି ।

ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ- ୨୦୨୩ ପାଳିତ

ବାଲେଶ୍ୱର, ୦୫/୧୨ (ନି.ପ୍ର): ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଜି ପୂର୍ବାହ୍ନ ଘ. ୧୧ ଟା ସମୟରେ ସ୍ଥାନୀୟ ସଭାବନା ଗୃହଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ବିଧାୟକ ବାଲେଶ୍ୱର ସଦର ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ, ମାନ୍ୟବର ବିଧାୟକ, ରେମୁଣା ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା, ମାନ୍ୟବର ସଭାପତି, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ମାନନୀୟା ଜିଲ୍ଲାପରିଷଦ ଉପସଭାପତି, ଶ୍ରୀମତୀ ଅନସୂୟା ପ୍ରଧାନ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଦିବସ ବିଶ୍ୱ ମୃତ୍ତିକା ଦିବସର ତାତ୍ପର୍ଯ୍ୟ, ମୃତ୍ତିକା ପରୀକ୍ଷାର ଆବଶ୍ୟକତା, ବିଭିନ୍ନ କାରଣରୁ ମାଟିର ପ୍ରଦୂଷଣ ଓ ମାଟି ମାଆର ଯତ୍ନ ଉପରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ବିଶ୍ୱ ମୃତ୍ତିକା ଦିବସର ବିଷୟ "ମୃତ୍ତିକା ଓ ଜଳ ଜୀବନର ଉତ୍ସ" ଉପରେ ଆଲୋକପାତ କରି ମାନ୍ୟବର ବିଧାୟକ ବାଲେଶ୍ୱର ସଦର ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ କହିଥିଲେ ଯେ ମୃତ୍ତିକା ବିଭିନ୍ନ ପ୍ରାକୃତିକ ସମ୍ପଦର ଗନ୍ତାଘର ଏବଂ ସର୍ବଦା ଜୀବନ୍ତ, କାରଣ ଏହି ମାଟିରେ ପାଣି, ପବନ, ଖାଦ୍ୟ ଉପାଦାନ ସହିତ ଅସଂଖ୍ୟ ଅଣୁଜୀବମାନେ ବାସ କରନ୍ତି ଏବଂ ଗଛଲତା ମାଧ୍ୟମରେ ଜୀବଜଗତକୁ ବଞ୍ଚାଇଥାନ୍ତି । ମନୁଷ୍ୟର ବିଶୃଙ୍ଖଳିତ କାର୍ଯ୍ୟଶୈଳୀ ପାଇଁ ଏହି ମାଟି ଆଜି ଅମ୍ଳୀୟ, କ୍ଷାରୀୟ ଓ ଲବଣାକ୍ତ । ଅଧିକରୁ ଅଧିକ ପ୍ରଚାର ପ୍ରସାର ଦ୍ୱାରା ମୃତ୍ତିକାର ସଠିକ ପରିଚାଳନା ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ ମାନ୍ୟବର ବିଧାୟକ, ରେମୁଣା ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା ଓ ମାନ୍ୟବର ସଭାପତି, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ

ଚିରନ୍ତନ କୃଷି ପାଇଁ ଜୈବିକ କୃଷିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଯୋଗ ଦେଇ ଜିଲ୍ଲାରେ ମତ୍ସ୍ୟ ଚାଷର ଅଗ୍ରଗତି, ବିଭିନ୍ନ ସରକାରୀ ଯୋଜନା ଓ ସମନ୍ୱିତ କୃଷି ମାଧ୍ୟମରେ ମୃତ୍ତିକାର ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ସଂଯୋଜକ,କୃଷି ବିଜ୍ଞାନ କେନ୍ଦ୍ର କୃଷି କ୍ଷେତ୍ରରେ ଅନିୟମିତ ରାସାୟନିକ ସାର ଓ ଜୀବନାଶକର ବହୁଳ ବ୍ୟବହାର ଯୋଗୁଁ ମାଟି, ପାଣି ଓ ପବନ ପ୍ରଦୂଷଣ ଓ ସେଥିପାଇଁ ମାଟିର ଉତ୍ପାଦିକତା ହ୍ରାସ, ଜଳବାୟୁ ପରିବର୍ତ୍ତନ ଓ ମନୁଷ୍ୟ ତଥା ଜୀବଜଗତ ଉପରେ ତାର କୁପ୍ରଭାବ ଏବଂ ତାର ନିରାକରଣ ପାଇଁ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା ଚଳିତ ବର୍ଷ ସଂପୃକ୍ତ ବିଭାଗ ଦ୍ୱାରା କରାଯିବାକୁ ଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ସରୋଜ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ । ସହକାରୀ କୃଷି ନିର୍ଦ୍ଦେଶକ ତଥା ମୃତ୍ତିକା ରସାୟନବିତ୍ ଶ୍ରୀ ସମୁଚୟ ବେହେରା ଓ ଜିଲ୍ଲା କୃଷି ବିଭାଗର ଅଧିକାରୀ ଓ କର୍ମକର୍ତ୍ତା କାର